ଆଜି ଭାରତ-ଇଂଲଣ୍ଡ ଦିନିକିଆ, ବାରବାଟୀରେ
କୋହଲିଙ୍କ ସହ ପ୍ରାକ୍ଟିସ କରୁଛନ୍ତି ଅନ୍ୟ ଖେଳାଳି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୧୪ ● ୯ ଫେବୃଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-14 ● 9th February 2025, Sunday ● Bhubaneswar

Licensed to post without pre-payment of postage No- BN-60/25-27


## ଯାଜପୁରରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ପ୍ରଦାନ

# ମା'ମାନେ ଓଡ଼ିଶା ବିକାଶ ଯାତ୍ରାର ପାର୍ଟନର

ଭୁବନେଶ୍ୱର/ଯାଜପୁର, ୮।୨
ନ୍ୟୁଜ୍ ବ୍ୟୁରୋ

ଶନିବାର ଯାଜପୁରଠାରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଓଡ଼ିଶାର ସର୍ବବୃହତ୍ ମହିଳା ସଶକ୍ତିକରଣ ଯୋଜନା ସୁଭଦ୍ରା ଅଧୀନରେ ଯାଜପୁରଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଛି ।

ପୂର୍ବରୁ ୩ଟି ପର୍ଯ୍ୟରେ ୮୦ ଲକ୍ଷ ମହିଳା ପ୍ରଥମ କିସ୍ତି ପାଇଥିବା ବେଳେ, ଆଜିକୁ ମିଶାଇ ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସହାୟତା ପାଇଲେ ।

ଏହି ସହାୟତା ରାଶି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହି ସହାୟତା ରାଶି ପ୍ରଦାନର ଉଦ୍ଦେଶ୍ୟ ରହିଛି ମା'ମାନଙ୍କୁ ବିକାଶର ପାର୍ଟନର କରିବା, ମା'ମାନେ ଏହାକୁ ପାରିବାରିକ ଖର୍ଚ୍ଚ ପାଇଁ ବ୍ୟବହାର ନ କରି ବିଭିନ୍ନ ବିଜିନେସ ପାଇଁ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀର ଶକ୍ତି ସାମର୍ଥ୍ୟ ଏବଂ *(ପୃଷ୍ଠା ୭ରେ)*




## ୨୭ ବର୍ଷ ପରେ

# ଦିଲ୍ଲୀରେ ଫୁଟିଲା ପଦ୍ମ

ନୂଆଦିଲ୍ଲୀ, ୮।୨

ଦିଲ୍ଲୀର ୭୦ଟି ବିଧାନସଭା ଆସନରୁ ବିଜେପି ୪୮ଟି ଆସନ ଜିତି ରେକର୍ଡ କରିଛି । ୨୦୧୫ ଓ ୨୦୨୦ ବିଧାନସଭା ନିର୍ବାଚନରେ ରେକର୍ଡ ସଂଖ୍ୟକ ଆସନ ଜିତିଥିବା ଆପ ଏଥର ୨୨ରେ ଅଟକି ଯାଇଛି ।

ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ପଦ୍ମ ଫୁଟିଛି । ଦମ୍ଭୋକ୍ତି ମୁତାବକ ରେକର୍ଡ ଦୁଇ ତୃତୀୟାଂଶ ଆସନ ସହ ଦିଲ୍ଲୀରେ ଶାସନ ସିଂହାସନ ଦଖଲ କରିଛି ବିଜେପି । ୧୯୯୮ ପରେ ଦେଶର ରାଜଧାନୀ ଦିଲ୍ଲୀରେ ଶାସନ କରିବାକୁ ଜନାଦେଶ ପାଇଛି ବିଜେପି । ଆପର ହ୍ୟାଟ୍ରିକ ବିଜୟ ସ୍ୱପ୍ନକୁ ଚୂରମାର କରି ବିଜୟ ପତାକା ଉଡ଼ାଇଛି ବିଜେପି । ଅନ୍ୟପକ୍ଷରେ କଂଗ୍ରେସ ପୁଣି ସମସ୍ତଙ୍କୁ ନିରାଶ କରିଛି । ଦଳ ହ୍ୟାଟ୍ରିକ ଶୂନ ସହ ଲଜ୍ଜାଜନକ ପରାଜୟ ବରଣ କରିଛି । ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଦିଲ୍ଲୀରେ ଏଥର ବି ଖାତା ଖୋଲି ପାରି ନାହିଁ ।

ବିଜେପି ଶେଷ ଥର ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନ ୧୯୯୩ ମସିହାରେ ଜିତିଥିଲା । ୧୯୯୩ରୁ ୧୯୯୮ ମଧ୍ୟରେ ବିଜେପି ୩ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଭାର ଦେଇଥିଲା । ପ୍ରଥମେ ମଦନ ଲାଲ ଖୁରାନା, ତାପରେ ସାହିବ ସିଂହ ବର୍ମା ଓ ଶେଷ କିଛି ମାସ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୯୮ ପରଠାରୁ ଆଉ ବିଜେପି କ୍ଷମତାକୁ ଫେରି ପାରି ନାହିଁ । ପ୍ରଥମେ କଂଗ୍ରେସ ୧୫ ବର୍ଷ ଧରି ଦିଲ୍ଲୀକୁ ଶାସନ କରିଥିଲା । ଏହାପରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ ମୈଦାନକୁ ଓହ୍ଲାଇ ବିଜୟୀ ହୋଇଥିଲା ।

୨୦୧୫ରେ ଆପ ରେକର୍ଡ ୬୭ ଆସନ ଜିତିଥିବା ବେଳେ ବିଜେପି ମାତ୍ର ୩ଟି ଆସନ ପାଇଥିଲା । ୨୦୨୦ରେ ଏହି ସଂଖ୍ୟା ୬୨ ଓ ୮ ରହିଥିଲା । ୨୦୨୫ରେ ଆପ ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଥିଲା । କିନ୍ତୁ ବିଜେପିର ଦମଦାର ପ୍ରଚାର ଓ ସିଟ୍ ବାଇ ସିଟ୍ ରଣନୀତିକୁ ଆପ ବୁଝିବାରେ ଅକ୍ଷମ ହୋଇଥିଲା ।

ଆପର ଅନେକ ହେଭିୱେଟ ବିଜେପି ପ୍ରାର୍ଥୀଙ୍କ ଆଗରେ *(ପୃଷ୍ଠା ୭ରେ)*




## ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ଶୁଣାଣି ତଥା ସମାଧାନ ପାଇଁ ଉତ୍ସର୍ଗୀକୃତ ଭୁବନେଶ୍ୱର, ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଆସନ୍ତା ୧୦ ତାରିଖ (ସୋମବାର) ଦିନ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ମିଳିଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି ।

## ମୋ ବସ୍ ହେବ ଆମ ବସ୍

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ମୋ ବସ୍‌ର ନାମ ପରିବର୍ତ୍ତନ କରାଯାଇ ଆମ ବସ୍ ହେବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମୋ ବସ ଏକ ଅହଂକାର ଶବ୍ଦ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି । ମୋହନ ସରକାର ଲୋକଙ୍କ ସରକାର, ଆମର କହିବା ଠିକ ହେବ ଦୁର୍ଘଟଣା ରୋକିବାକୁ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ରାଜ୍ୟ କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ମଞ୍ଜୁରୀ

# ଦୁର୍ବଳ ବର୍ଗଙ୍କ ପାଇଁ ଅନ୍ତୋଦୟ ଗୃହ ଯୋଜନା : ଖର୍ଚ୍ଚ ହେବ ୭୫୫୦ କୋଟି

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ମନ୍ତ୍ରୀମଣ୍ଡଳ ବୈଠକରେ ଅନୁମୋଦନ ଲାଭ କରିଥିବା ୧୧ଟି ପ୍ରସ୍ତାବ ସମ୍ପର୍କରେ ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି ।

ସେ କହିଛନ୍ତି କ୍ୟାବିନେଟ ବୈଠକରେ ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ସମାଜର ଦୁର୍ବଳ ବର୍ଗର ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଅନ୍ତୋଦୟ ଗୃହ ଯୋଜନାର ମୂଳ ଲକ୍ଷ୍ୟ । ଏହି ଯୋଜନା ପାଇଁ ୭,୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରବର୍ଗଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ । ଏହି ଯୋଜନାରେ ହିତାଧିକାରୀ ୨୫ ବର୍ଗ ମିଟର ପରିଧି ବିଶିଷ୍ଟ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପାଇପାରିବେ । ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ଅନ୍ୟୁନ୍ୟ ୨,୨୫,୦୦୦ ନୂତନ ପକ୍କା ଘର ମଞ୍ଜୁର କରାଯିବ । ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ *(ପୃଷ୍ଠା ୭ରେ)*



# ନୂଆ ଆୟକର ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ, ୮।୨

ନୂଆ ଆୟକର ବିଲ୍‌କୁ ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି । ସୋମବାର ଏହାକୁ ଲୋକସଭାରେ ଆଗତ କରାଯିବ । ନୂଆ ବିଲ୍ ଅନୁଯାୟୀ ଆୟକର ନିୟମରେ ବ୍ୟାପକ ପରିବର୍ତ୍ତନ କରାଯିବ । ୧୯୬୧ରୁ ପ୍ରଚଳିତ ଆୟକର ନିୟମରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଏହି ନିୟମ ଅତ୍ୟନ୍ତ ଜଟିଳ ହୋଇଥିବାବେଳେ ଏଥିରେ ସଂଶୋଧନ କରାଯାଇ ସରଳ କରାଯିବ । ଲୋକସଭାରେ ବିଧେୟକକୁ ଆଗତ କରାଯିବା ପରେ ଏହା ଉପରେ ସମୀକ୍ଷା ଲାଗି ଷ୍ଟାଣ୍ଡିଂ କମିଟିକୁ ସୁପାରିସ କରାଯିବାର ସମ୍ଭାବନା ରହିଛି । ଆୟକର ନିୟମରେ ପରିବର୍ତ୍ତନ କରାଯାଇ କୌଣସି ପ୍ରକାର ନୂଆ ଟିକସ ବ୍ୟବସ୍ଥା କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି ।



## ମେ'୪ରେ ହେବ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା

ନୂଆଦିଲ୍ଲୀ, ୮।୨

ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ଆସନ୍ତା ମେ'୪ ତାରିଖରେ ଅନୁଷ୍ଠିତ ହେବ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏହି ବିଷୟ ଘୋଷଣା କରିଛି । ଏଥିପାଇଁ ଆବେଦନ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୭ରେ ଶେଷ ହେବ । ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ଦେଶର ସର୍ବବୃହତ ପ୍ରବେଶିକା ପରୀକ୍ଷା ।

୨୦୨୪ରେ ରେକର୍ଡ ସଂଖ୍ୟକ ୨୪ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ମେଡିକାଲ କଲେଜରେ ନାମଲେଖା ପାଇଁ ଏନଟିଏ ପ୍ରତିବର୍ଷ ନିଟ ଆୟୋଜନ କରିଥାଏ । ଏମବିଏସଏସ ପାଠ୍ୟକ୍ରମ ପାଇଁ ମୋଟ ୧ ଲକ୍ଷ ୮ ହଜାର ଆସନ ଉପଲବ୍ଧ ଅଛି । ସେଥିମଧ୍ୟରେ ପ୍ରାୟ ୫୬ ହଜାର ସରକାରୀ ଓ ୫୨ ହଜାର ଘରୋଇ କଲେଜରେ ଆସନ ରହିଛି ।

ଦନ୍ତ ଚିକିତ୍ସା, ଆୟୁର୍ବେଦ, ୟୁନାନୀ ଓ ସିଦ୍ଧରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ ପରୀକ୍ଷା ଫଳକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଗତ ମାସରେ ଏନଟିଏ ଘୋଷଣା କରିଥିଲା ଯେ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପେନ ଏବଂ ପେପର ମୋଡରେ ଅନୁଷ୍ଠିତ ହେବ । ଗତବର୍ଷ ନିଟରେ ପ୍ରଶ୍ନପତ୍ର ଲିକ ଓ *(ପୃଷ୍ଠା ୭ରେ)*




# ଜନଶକ୍ତି ସର୍ବୋପରି ! ବିକାଶ ଜିତିଲା

ନୂଆଦିଲ୍ଲୀ, ୮।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦିଲ୍ଲୀକୁ ଏବେ ବିଶ୍ୱସ୍ତରୀୟ ସହରାଞ୍ଚଳ ଭିତ୍ତିଭୂମି ମିଳିବ । ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି ଯେ ଏନଡିଏର ଅର୍ଥ ସୁଶାସନ ଏବଂ ବିକାଶ । ଏକବିଂଶ ଶତାବ୍ଦୀରେ ଜନ୍ମିତ ଯୁବପିଢ଼ି ଏବେ ପ୍ରଥମ ଥର ପାଇଁ ଦିଲ୍ଲୀରେ ବିଜେପିର ସୁଶାସନ ଦେଖିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆଜିର ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ବିଜେପିର ଡବଲ ଇଞ୍ଜିନ ସରକାର ଉପରେ ଦେଶର ବିଶ୍ୱାସକୁ ସୂଚଉଛି । ଦିଲ୍ଲୀର ପ୍ରକୃତ ମାଲିକ ହେଉଛନ୍ତି ଦିଲ୍ଲୀର ଲୋକ ବୋଲି ଦିଲ୍ଲୀବାସୀ ସ୍ପଷ୍ଟ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦିଲ୍ଲୀ କେବଳ ଏକ ସହର ନୁହେଁ ବରଂ ଏକ ମିନି ଭାରତ ଯାହା ଏକ ଭାରତ ଶ୍ରେଷ୍ଠ ଭାରତର ଧାରଣା ବହନ କରେ । ସମାଜର ପ୍ରତ୍ୟେକ ବର୍ଗ ବିଜେପିକୁ ବହୁ ସଂଖ୍ୟାରେ ଭୋଟ ଦେଇଥିବାରୁ ଶ୍ରୀ ମୋଦି ସନ୍ତୋଷବ୍ୟକ୍ତ କରିଛନ୍ତି । ନାରୀ ଶକ୍ତିକୁ ଦିଆଯାଇଥିବା ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ ହେବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ମହିଳା ଭୋଟରମାନେ ବିଜେପିର ଢାଲ ପାଲଟିଛନ୍ତି ବୋଲି କହିଥିଲେ ।

ଆମ ଆଦମୀ ପାର୍ଟିକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦୁର୍ନୀତି ବିରୋଧୀ ଦଳ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ ହୋଇଛି । ଜାତୀୟ ରାଜଧାନୀକୁ ନୂଆ ଶିଖରରେ ପହଞ୍ଚାଇବା ପାଇଁ ଦଳ ଉପରେ ଭରସା ଲଗାଇଥିବାରୁ ମୋଦି ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସଭାକୁ ସମ୍ବୋଧିତ କରି ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା କହିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନର ନିର୍ବାଚନ ଫଳାଫଳ ଦର୍ଶାଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର *(ପୃଷ୍ଠା ୭ରେ)*



## ପ୍ରଫେସର ଦୀପକ କୁମାର ସାହୁ ହେଲେ ଭିସୁଟ୍'ର ନୂଆ କୁଳପତି

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲୋଜି(ଭିଏସଏସୟୁଟି) ବୁର୍ଲାର ନୂଆ କୁଳପତି ଭାବେ ପ୍ରଫେସର ଦୀପକ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି । ଶନିବାର ପ୍ରଫେସର ଦୀପକ କୁମାର ସାହୁଙ୍କୁ ରାଜ୍ୟପାଳ ତଥା କୁଳାଧିପତି ଡ. ହରି ବାବୁ କମ୍ଭମପତି ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲୋଜି (ବୁର୍ଲା)ର ନୂଆ କୁଳପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ୫୯ ବର୍ଷୀୟ ପ୍ରଫେସର ସାହୁ ବର୍ତ୍ତମାନ କୋଚିନ ୟୁନିଭରସିଟି ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସଏଟି)ର ସ୍କୁଲ ଅଫ ଇଂଜିନିୟରିଂରେ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କଟକରେ କିରିକେଟ ଖେଳ
ଆସିବ ବହୁତ ମଜା
ଇଂଲଣ୍ଡ ନାକରେ ପାଣି ପିଇବ
ଭାରତ ଖାଇବ ଖଜା
ବାରବାଟୀରେ ବାଜିବ ବାଜା
ଛକାଚଉକା ବରଷିବ ଖାଲି
ଇଣ୍ଡିଆ ହୋଇବ ରାଜା ।

# ପ୍ରଥମ ସ୍ୱାମୀ ଥିଲେ ବି ଦ୍ୱିତୀୟ ସ୍ୱାମୀ ଦେବେ ଭରଣପୋଷଣ



ନୂଆଦିଲ୍ଲୀ, ୮।୨

ପ୍ରଥମ ସ୍ୱାମୀ ଥାଉ ଥାଉ ଦ୍ୱିତୀୟ ସ୍ୱାମୀଠୁ ଭରଣପୋଷଣ ପାଇପାରିବେ ମହିଳା । ସୁପ୍ରିମକୋର୍ଟ କହିଛନ୍ତି ଯେ, ଜଣେ ମହିଳା ସିଆରପିସି ୧୨୫ ଧାରା ଅନୁଯାୟୀ ନିଜର ଦ୍ୱିତୀୟ ସ୍ୱାମୀଠୁ ଭରଣପୋଷଣ ପାଇବାର ହକଦାର, ଯଦିଓ ତାଙ୍କର ପ୍ରଥମ ବିବାହ ଆଇନଗତ ଭାବରେ ବଞ୍ଚି ରହିଛି । ଜଷ୍ଟିସ ବି.ଭି ନାଗାରତ୍ନ ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଭରଣପୋଷଣ ଭଳି ସାମାଜିକ କଲ୍ୟାଣ ବ୍ୟବସ୍ଥାର ଉଦ୍ଦେଶ୍ୟକୁ ବ୍ୟାପକ ଭାବରେ ବ୍ୟାଖ୍ୟା କରାଯିବା ଉଚିତ ଏବଂ କଠୋର ଆଇନଗତ ବ୍ୟାଖ୍ୟା ଯୋଗୁଁ ମାନବିକ ଉଦ୍ଦେଶ୍ୟ ପ୍ରଭାବିତ ହେବା ଉଚିତ ନୁହେଁ ।

ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୨୫କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୪୪ ଦ୍ୱାରା ବଦଳାଯାଇଛି, ଯାହା ଜୁଲାଇ ୧, ୨୦୨୪ରୁ କାର୍ଯ୍ୟକାରୀ ହୋଇଛି । ସୁପ୍ରିମକୋର୍ଟ ଜାନୁଆରୀ ୩୦ ତାରିଖରେ ଏକ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ଦ୍ୱିତୀୟ ସ୍ୱାମୀଙ୍କୁ ତାଙ୍କ ବିଚ୍ଛିନ୍ନ ପତ୍ନୀଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୋର୍ଟ ଜଣେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯିଏ ୨୦୦୫ ମସିହାରେ *(ପୃଷ୍ଠା ୭ରେ)*

# ବିଲରେ ଗଡୁଛି ଟମୋଟୋ



ଗଞ୍ଜାମ, ୮।୨
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଟମାଟୋର ଅଭାବୀ ବିକ୍ରି ଚାଲିଛି । ଟମାଟୋ କିଲୋ ପିଛା ୨ ଟଙ୍କାରୁ ୩ ଟଙ୍କାରେ ବିକ୍ରି ହେଉଛି । ଯାହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ କୂଳ । ବଜାରରେ ଟମାଟୋ କିଲୋ ପିଛା ୧୫ ଟଙ୍କା ରହିଥିବା ବେଳେ ଚାଷୀଙ୍କ ଠାରୁ ୨ ରୁ ୩ ଟଙ୍କାରେ କିଣୁଛନ୍ତି ବ୍ୟବସାୟୀ । ଲେବର, ପେଷ୍ଟିସାଇଡ ଖର୍ଚ୍ଚ ସହିତ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଉଥିବା ବେଳେ ପାରିଶ୍ରମିକ ମିଳୁନାହିଁ । ଅନେକ ଚାଷୀ ଟମାଟୋକୁ ନ ତୋଳି ଚାଷ ଜମିରେ ଛାଡ଼ି ଦେଉଛନ୍ତି । ହେକ୍ଟର ହେକ୍ଟର ଚାଷ ଜମିରେ ଟମାଟୋ ସେଭଳି ପଚିସଢ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲା ଡିଆଁଡ଼େଇଁ ଗାଁରୁ *(ପୃଷ୍ଠା ୭ରେ)*





# ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା, ମାର୍ଚ୍ଚ ୧୭ରୁ ଅନ୍‌ଲାଇନ୍ ଆବେଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହେବ ପ୍ରାଥମିକ ଶିକ୍ଷକ ବଦଳି ପ୍ରକ୍ରିୟା। ମାର୍ଚ୍ଚ ୧୭ ତାରିଖରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହେବ । ଏପ୍ରିଲ୍ ୧ ତାରିଖ ମଧ୍ୟରେ ଆବେଦନ କରିବାର ସୁଯୋଗ ମିଳିବ । ଡିଇଓ ଓ ବିଇଓଙ୍କ ଦ୍ୱାରା ଆବେଦନ ପତ୍ର ଯାଞ୍ଚଠୁ ଆରମ୍ଭ କରି ଡାକ୍ତରୀ ପରୀକ୍ଷା ସବୁ ହେବ। ଶିକ୍ଷକ ବଦଳି ନିର୍ଦ୍ଦେଶ ବାହାରିବା ପରେ ପୋଷ୍ଟିଂ ସହ ସମସ୍ତ ପ୍ରକ୍ରିୟା ଜୁନ୍ ୨୧ ସୁଦ୍ଧା ଶେଷ ହେବ। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ



ନିର୍ଦ୍ଦେଶକ, ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ଗତ ୨୯ ତାରିଖରେ ନିର୍ଦ୍ଦେଶାଳୟ ପକ୍ଷରୁ ବଦଳି ଆବେଦନ ନେଇ ଚିଠି ହୋଇଛି। ମାର୍ଚ୍ଚ ୧ରୁ ୧୬ ତାରିଖ ଯାଏ ଶିକ୍ଷକଙ୍କ ପ୍ରୋଫାଇଲ୍ ଅପଡେଟ୍ କରାଯିବ। ମାର୍ଚ୍ଚ ୧୭ରୁ ଏପ୍ରିଲ ୧ ଯାଏ ବଦଳି ପାଇଁ ଆବେଦନ କରାଯିବ । ଏପ୍ରିଲ ୨ରୁ ୧୧ ତାରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆବେଦନପତ୍ର ଯାଞ୍ଚ ହେବ । ମେଡିକାଲ ମାମଲାରେ ଆବେଦନ କରିଥିବା ଶିକ୍ଷକଙ୍କ ପାଇଁ ଯାଞ୍ଚପତ୍ର ୧୫ରୁ ୧୯ ତାରିଖ ମଧ୍ୟରେ ମେଡିକାଲ ବୋର୍ଡକୁ ଦିଆଯିବ । ଏହାପରେ ମେ ୯ରେ ବୋର୍ଡ ପକ୍ଷରୁ ରିପୋର୍ଟ ପ୍ରକାଶ, ୧୪ରେ ମେଡିକାଲ ସାର୍ଟିଫିକେଟ ଅପଲୋଡ୍ ହେବ । ୨୮ରୁ ୨୯ ମଧ୍ୟରେ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବ । ଜୁନ୍ ୬ ତାରିଖ ସୁଦ୍ଧା ବଦଳି ଶିକ୍ଷକଙ୍କ ନୂଆ ସ୍କୁଲରେ ପୋଷ୍ଟିଂ ଓ ପୁରୁଣା ସ୍କୁଲରୁ ରିଲିଭ୍ ହେବେ ।

# ୯ ବିଜେଡି ନେତାଙ୍କୁ ମିଳିଲା ବଡ ଦାୟିତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଙ୍ଗଠନିକ ନିର୍ବାଚନ ପାଇଁ ୯ ଜଣ ବିଜେଡି ନେତାଙ୍କୁ ମିଳିଲା ବଡ ଦାୟିତ୍ୱ। ୯ ଜଣ ନେତାଙ୍କୁ ମିଳିଛି ୨୭ ନିର୍ବାଚନ ମଣ୍ଡଳୀର ଦାୟିତ୍ୱ । ନିରଞ୍ଜାନ ପୂଜାରୀଙ୍କୁ ଝାରସୁଗୁଡା ଓ ବ୍ରଜରାଜନଗର ଦାୟିତ୍ୱ ମିଳିଛି । ଅତନୁ ସବ୍ୟସାଚୀ ନାୟକ ଓ ବିଜୟ କୁମାର ନାୟକଙ୍କୁ ୫ଟି ନିର୍ବାଚନ ମଣ୍ଡଳୀ ଦାୟିତ୍ୱ । ଉଭୟଙ୍କୁ ମିଳିଥିବା ୫ଟି ନିର୍ବାଚନ ମଣ୍ଡଳୀ ହେଲା ତେଲକୋଇ, ପାଟଣା, ଚମ୍ପୁଆ, ପରାଦୀପ ଓ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ । ପ୍ରତାପ




ଜେନାଙ୍କୁ କଟକ ବରବାଟୀ, କଟକ ସଦର ଓ ନିଆଳି ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ମିଳିଛି। ଅରୁଣ ସାହୁଙ୍କୁ ନିମାପଡା, ପିପିଲି ଓ ଖୋର୍ଦ୍ଧା ଦାୟିତ୍ୱ ମିଳିଥିବା ବେଳେ ସଞ୍ଜୟ କୁମାର ଦାସବର୍ମାଙ୍କୁ ସାନଖେମୁଣ୍ଡି, ଗୋପାଳପୁର, ଛତ୍ରପୁର ଓ ବ୍ରହ୍ମପୁର ଦାୟିତ୍ୱ ମିଳିଛି । ପ୍ରଣବ ପ୍ରକାଶ ଦାସଙ୍କୁ ବଡଚଣା, ରାଇରଙ୍ଗପୁର, ବଡସାହି, ଉଦଳା ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ମିଳିଥିବା ବେଳେ ପ୍ରୀତିରଞ୍ଜନ ଘଡାଇଙ୍କୁ ବଣେଇ, ବିରମିତ୍ରପୁର ଦାୟିତ୍ୱ, ଦେବେଶ ଆଚାର୍ଯ୍ୟଙ୍କୁ ଭଟଲି ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଓ ଭୃଗୁ ବକ୍ସିପାତ୍ରଙ୍କୁ ଲକ୍ଷ୍ମୀପୁର ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ମିଳିଛି ।

# ମୃତଦେହ ଆଣିବା ବେଳେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ:୩ ମୃତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୬ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ମୃତକଙ୍କୁ ନେଇ ଫେରିବା ବେଳେ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକ ଦିବାକର ଜେନାଙ୍କୁ ଆଣି ଆସୁଥିବା ବେଳେ ତାଙ୍କ ପୁଅ ସଞ୍ଜୟ ଜେନା, ଭିଣୋଇ ସୁଧାଂଶୁ ଦଳାଇ ଓ ଆମ୍ବୁଲାନ୍ସ ଡ୍ରାଇଭର ଦିଲ୍ଲୀପ ସିଂ ଏହି ଦୁର୍ଘଟଣାରେ ଜୀବନ ହାରିଛନ୍ତି । ଦିବାକର ଜେନାଙ୍କ ସ୍ତ୍ରୀ ସାବିତ୍ରୀ ଜେନା ଗୁରୁତର ହୋଇଛନ୍ତି । ଭଦ୍ରକ ଜିଲ୍ଲା ମଇତାପୁର ନିକଟରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି ।

ସୂଚନା ମୁତାବକ, ଭୋଗରାଇ ଥାନା ଅଧୀନ ପଲାସିଆ ଗାଁର ଦିବାକର ଜେନାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଦିବାକରଙ୍କ ମୃତ୍ୟୁ ହୋଇଥିଲା । ପରେ ତାଙ୍କ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଭୋଗରାଇ ଅଣାଯାଇଥିଲା । ରାସ୍ତାରେ ମଇତାପୁର ନିକଟରେ ଆମ୍ବୁଲାନ୍ସଟି ଏକ ଡମ୍ପରକୁ ପଛରୁ ଧକ୍କା ଦେଇଥିଲା । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ଆମ୍ବୁଲାନ୍ସରୁ ସମସ୍ତଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରି ଏହି ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରାଇଥିଲେ । ଭଦ୍ରକ ମେଡିକାଲରେ ମୃତ ଦିବାକରଙ୍କ ପୁଅ ସଞ୍ଜୟ ଜେନା, ଭିଣୋଇ ସୁଧାଂଶୁ ଦଳାଇ ଓ ଆମ୍ବୁଲାନ୍ସ ଡ୍ରାଇଭର ଦିଲ୍ଲୀପ ସିଂଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଦିବାକରଙ୍କ ସ୍ତ୍ରୀ ସାବିତ୍ରୀ ଜେନା ଗୁରୁତର ଭାବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏନେଇ ଖବର ପାଇବା ପରେ ମେଡିକାଲରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ପହଞ୍ଚି ମୃତକଙ୍କ ସମ୍ପର୍କୀୟଙ୍କୁ ଭେଟିଛନ୍ତି । ସେପଟେ ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

## ହସ୍ତଶିଳ୍ପ ସାମଗ୍ରୀ ବଜାର ଓ ଗ୍ରାମ୍ୟ ଅର୍ଥନୀତିର ବିକାଶ ଉପରେ ଗୁରୁତ୍ୱ

# ଜରାଜୀର୍ଣ୍ଣ ପିପିଲି ହସ୍ତଶିଳ୍ପ ଗ୍ରାମ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



**ପିପିଲି, ନ୍ୟୁଜ ବ୍ୟୁରୋ**

ପିପିଲି ପୌରାଞ୍ଚଳ ଉପକଣ୍ଠ ତଥା ଟୋଲ୍‌ପ୍ଲାଜା ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପିପିଲି ହସ୍ତଶିଳ୍ପ ଗ୍ରାମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପରିଦର୍ଶନ କରିବା ଅବସରରେ ଏହାର ପୁନରୁଦ୍ଧାର ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପୂର୍ବ ସରକାରରେ ୭କୋଟି ୬୬ଲକ୍ଷ ଟଙ୍କା ବ୍ୟୟରେ ଦୀର୍ଘ ୯ବର୍ଷ ତଳୁ ଏହାର ନିର୍ମାଣ ସରିଥିଲେ ମଧ୍ୟ ଉଦ୍‌ଘାଟନ ହୋଇନପାରିବା କାରଣରୁ ଏହା ଅଦ୍ୟାବଧି ଲୋକଙ୍କ ସେବାରେ ଲାଗିପାରିନାହିଁ। ଏହାକୁ ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଯିବା ଦିଗରେ ଏବେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ପିପିଲିର ଚାନ୍ଦୁଆ ଶିଳ୍ପୀ, ବ୍ୟବସାୟୀ ଓ କାରିଗରଙ୍କ ସ୍ୱପ୍ନ ବାସ୍ତବ ରୂପ ନେବ ବୋଲି ଆଶା କରାଯାଉଛି। ଏହି ହସ୍ତଶିଳ୍ପ ଗ୍ରାମ ଦ୍ୱାରା ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆର ଅଧିକ ପ୍ରଚାର ପ୍ରସାର ହେବା ସହ ଚାନ୍ଦୁଆ କାରିଗରଙ୍କ ଜୀବିକା ନିର୍ବାହରେ ଏହା ବେଶ୍ ସହାୟକ ହେବ ଓ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପିପିଲି ହସ୍ତଶିଳ୍ପ ଗ୍ରାମକୁ ପରିଦର୍ଶନ କରିଥିଲେ। ପିପିଲି ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଏହି ହସ୍ତଶିଳ୍ପ ଗ୍ରାମର ଆବଶ୍ୟକତା ସଂପର୍କରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଉପମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ହସ୍ତଶିଳ୍ପ ଗ୍ରାମକୁ ପରିଦର୍ଶନ କରିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହାର ପୁନରୁଦ୍ଧାର ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଗଣମାଧ୍ୟମକୁ ଶ୍ରୀମତୀ ପରିଡା କହିଥିଲେ ଯେ, ଏହା ଦୀର୍ଘ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସ୍ୱୟଂ ସହାୟକ ଗୋଷ୍ଠିର ଭଉଣୀମାନଙ୍କ ଉତ୍ପାଦିତ ସାମଗ୍ରୀର ବଜାର ଦେବା ପାଇଁ ପର୍ଯ୍ୟଟନ ବିଭାଗ ଏହା ଉପରେ ଯୋଜନା ଆରମ୍ଭ କରିଛି। ପର୍ଯ୍ୟଟକମାନେ ଏଠାକୁ ସୁବିଧାରେ ଆସିବେ, କିଛି ସମୟ ବିତାଇବେ, ହସ୍ତଶିଳ୍ପ ସାମଗ୍ରୀ କିଣିବେ। ଫଳରେ ଗ୍ରାମ୍ୟ ଅର୍ଥନିତୀର ବିକାଶ ଉପରେ ଏହାର ସୁପ୍ରଭାବ ଆସିବ। ଚାନ୍ଦୁଆ ଏକ ଐତିହାସିକ ଶିଳ୍ପକଳା। ତାର ସୂକ୍ଷ୍ମ କାରୁକାର୍ଯ୍ୟ ଓ ଜୀବନ୍ତ ରଂଗ ପାଇଁ ବିଶ୍ୱ ପ୍ରସିଦ୍ଧ।

ଚାନ୍ଦୁଆ ଶିଳ୍ପ ଓ ଚାନ୍ଦୁଆ କାରିଗରମାନଙ୍କ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ପିପିଲିରେ ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ନିର୍ମାଣ ସଂପୂର୍ଣ୍ଣ ହେବ ଏବଂ ଏହା ଐତିହ୍ୟ ସମ୍ପନ୍ନ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ହସ୍ତଶିଳ୍ପ ଗ୍ରାମ ପାର୍ଶ୍ୱରେ ବ୍ୟାପକ ସରକାରୀ ଜମି ରହିଥିବା ହେତୁ ଏହାର ଆକାର ବଡ ହେବା ସହ ବିକାଶ ଠିକ୍ ଭାବେ ହୋଇପାରିବ ବୋଲି ସମୀକ୍ଷା ସମୟରେ ଉପମୁଖ୍ୟମନ୍ତ୍ରୀ ଅବଗତ ହୋଇଥିଲେ। ଏହି ହସ୍ତଶିଳ୍ପ ଗ୍ରାମକୁ ପର୍ଯ୍ୟଟକମାନଙ୍କର ସୁବିଧାଜନକ ଯାତାୟତ ପାଇଁ ଆବଶ୍ୟକସ୍ଥଳେ ଭୂମି ଅଧିଗ୍ରହଣ କରାଯାଇ ଜାତୀୟ ରାଜପଥ ସହ ଏହାକୁ ସିଧା ଯୋଡିବା ସଂପର୍କରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ପର୍ଯ୍ୟଟନ ବିଭାଗର ଅଧିକାରୀ, ଜିଲା ପ୍ରଶାସନର ଅଧିକାରୀ, ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ସୂଚନା ଥାଉକି, ପର୍ଯ୍ୟଟନ ବିଭାଗ ପକ୍ଷରୁ ରୁରାଲ ଟୁରିଜିମ୍ ପ୍ରୋଜେକ୍ଟରେ ପିପିଲି ବଜାର ଉପକଣ୍ଠ ଜାତୀୟ ରାଜପଥ କଡରେ ଏହି ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ନିର୍ମାଣ କରାଯାଇଥିଲା। ୭କୋଟି ୬୬ଲକ୍ଷ ଟଙ୍କା ବ୍ୟୟରେ ୨୦୧୬ ମସିହାରୁ ଏହାର ନିର୍ମାଣ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାକୁ ଉଦ୍‌ଘାଟନ କରାଯାଇନାହିଁ। ଫଳରେ ଏହା କାର୍ଯ୍ୟକ୍ଷମ ନହୋଇ ଲୋକଙ୍କ ସେବାରେ ଲାଗିପାରିନାହିଁ। ଏହି ହସ୍ତଶିଳ୍ପ ଗ୍ରାମରେ ୧୨ଶହ ବର୍ଗଫୁଟ୍‌ର ୨୧ଟି ଅତ୍ୟାଧୁନିକ ଦୋକାନ ଗୃହ ଥିବା ବେଳେ ପ୍ରଶାସନିକ ଭବନ, ସୂଚନାକେନ୍ଦ୍ର, ସମ୍ମିଳନୀ କକ୍ଷ, ଲାଇବ୍ରେରୀ, ଅତିଥିଙ୍କ ପାଇଁ ଗୃହ, ହସ୍ତଶିଳ୍ପ କାରିଗରି କେନ୍ଦ୍ର ଆଦି ରହିଛି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ପିପିଲି ଚାନ୍ଦୁଆ ପ୍ରତି ଆକର୍ଷିତ କରିବା ପାଇଁ ସେଠାରେ ଚାନ୍ଦୁଆ ତିଆରି ସହ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଯୋଜନା ରହିଥିଲା। ପର୍ଯ୍ୟଟକଙ୍କ ପାଇଁ ବିସ୍ତୃତ ଅଞ୍ଚଳରେ ଗାଡି ପାର୍କିଂ ବ୍ୟବସ୍ଥା ସହ ଉଭୟ ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ପୃଥକ ଭାବେ ଅତ୍ୟାଧୁନିକ ଶୌଚାଳୟ ଓ ଭୋଜନାଳୟର ବ୍ୟବସ୍ଥା ମଧ୍ୟ ସେଠାରେ କରାଯିବାକୁ ଯୋଜନା ରହିଥିଲା। ରକ୍ଷଣାବେକ୍ଷଣ ଅଭାବରୁ ହସ୍ତଶିଳ୍ପ ଗ୍ରାମ ପରିସର ଏବେ ବଣବୁଦାରେ ପରିଣତ ହୋଇଥିବା ବେଳେ ସେଠାରେ ନିର୍ମିତ ଘର ଗୁଡିକ ନଷ୍ଟ ହେବାକୁ ବସିଲାଣି। ସେଠାରେ ଲାଗିଥିବା ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବ୍ୟବହାର ନହେବା କାରଣରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପ୍ରଶାସନିକ ଭବନ, ସୂଚନାକେନ୍ଦ୍ର, ସମ୍ମିଳନୀ କକ୍ଷ ଆଦିରେ ଲାଗିଥିବା ଅଧିକାଂଶ ମୂଲ୍ୟବାନ୍ କବାଟ ଓ ଝରକା ଆଦିକୁ କେହି ତାଡି ନେଇଥିବା ପରିଲକ୍ଷିତ ହୋଇଛି। ଉକ୍ତ ବିରାଟ କୋଠାଘରକୁ ଏବେ କେତେକ ବୁଲାବିକାଳି ଜବରଦଖଲ କରି ରଖିବା ସହ କୋଠାଘର ମଧ୍ୟରେ ସେମାନେ ପରିବାର ସହ ବାସ କରୁଥିବା ଜଣାଯାଇଛି। ହସ୍ତଶିଳ୍ପ ଗ୍ରାମର ଚତୁଃପାର୍ଶ୍ୱରେ ଥିବା ପାଚେରୀର କେତେକ ଅଂଶ ଭାଙ୍ଗି ଯାଇଥିବା ପରିଲକ୍ଷିତ ହୋଇଛି।

# ବିଦ୍ୟାଳୟ ହେବ ପ୍ଲାଷ୍ଟିକ୍ ମୁକ୍ତ: ଆବର୍ଜନା ପକାଇବାକୁ ରହିବ ୩ଟି ଡଷ୍ଟବିନ୍



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ପ୍ଲାଷ୍ଟିକ୍ ମୁକ୍ତ କରାଯିବ। କୌଣସି ପ୍ରକାର ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀ କ୍ୟାମ୍ପସରେ ବ୍ୟବହାର ହେବ ନାହିଁ। ପ୍ରଧାନଶିକ୍ଷକମାନେ ଏଦିଗରେ ପଦକ୍ଷେପ ନେବା ସହ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବେ। ପ୍ଲାଷ୍ଟିକ୍ ବ୍ୟତୀତ ପଲିଥିନ୍, ବର୍ଜ୍ୟବସ୍ତୁ, ନଷ୍ଟ ହୋଇଥିବା ସାମଗ୍ରୀଗୁଡ଼ିକୁ କ୍ୟାମ୍ପସରେ ନପକାଇବା ଦିଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ। ଯଦି କୌଣସି ବିଦ୍ୟାଳୟ କର୍ତ୍ତୃପକ୍ଷ ନିୟମ ଉଲ୍ଲଂଘନ କରୁଥିବା ନଜରକୁ ଆସନ୍ତି ତାହା ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଥିବା ବିଦ୍ୟାଳୟଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିବା ସହ କ୍ୟାମ୍ପସକୁ ପ୍ଲାଷ୍ଟିକ୍ ମୁକ୍ତ ଜୋନ୍ କରିବାକୁ ବିଏମ୍‌ସି ସହାୟତାରେ ଭୁବନେଶ୍ୱର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ବିଦ୍ୟାଳୟ କ୍ୟାମ୍ପସରେ ଯେପରି ବର୍ଜ୍ୟବସ୍ତୁ ପଡ଼ି ନ ରୁହେ ସେଥିପ୍ରତି ଅଧିକ ପ୍ରାଥମିକତା ଦିଆଯାଇଛି। ସ୍କୁଲରେ ଏବେ ଗୋଟିଏ ଡଷ୍ଟବିନ୍ ରଖାଯାଉଥିବା ବେଳେ ଆଗାମୀ ଦିନରେ ୩ଟି ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ ହୋଇଛି। ଖାଦ୍ୟ ବର୍ଜ୍ୟ ପକାଇବାକୁ ସବୁଜ ରଙ୍ଗର ଡଷ୍ଟବିନ୍ ରହିବ। ସେହିପରି ପେପର, ପ୍ଲାଷ୍ଟିକ, ବୋତଲ, କାର୍ଡ ବୋର୍ଡ ଆଦି ସାମଗ୍ରୀ ପକାଇବାକୁ ନୀଳ ରଙ୍ଗର ଡଷ୍ଟିବିନ୍ ଓ ପ୍ଲାଷ୍ଟିକ୍, ଗ୍ଲାସ, ମେଟାଲ ପରି ସାମଗ୍ରୀ ପକାଇବାକୁ ହଳଦିଆ ରଙ୍ଗର ଡଷ୍ଟବିନ୍ ରଖାଯିବ। ଓଦା ଓ ଶୁଖିଲା ସାମଗ୍ରୀ ଅଲଗା ଅଲଗା ହୋଇ ପଡ଼ିବ। କ୍ୟାମ୍ପସ ପରିସରରେ ଗୋଟିଏ କମ୍ପୋଷ୍ଟ ପିଟ୍ ରହିବ। ଯେତିକି ଆବର୍ଜନା ବାହାରିବ ତାହା ପିଟ୍‌ରେ ପଡ଼ିବ। ପରବର୍ତ୍ତୀ ସମୟରେ ପିଟ୍‌ରୁ ବାହାରୁଥିବା ଆର୍ବଜନାକୁ କ୍ୟାମ୍ପସ ପରିସରରେ ଥିବା ଗଛରେ ବ୍ୟବହାର କରାଯାଇ ପାରିବ। ଇକୋ-କ୍ଲବ୍‌ର ସଦସ୍ୟମାନେ ଏହାର ଦାୟିତ୍ୱ ନେବେ। ପିଲାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ଦିଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ ହାତକୁ ନେବେ। ସପ୍ତାହକୁ ଥରେ ବିଦ୍ୟାଳୟ କ୍ୟାମ୍ପସରୁ ଅଳିଆ ଉଠାଯିବ। ବିଏମ୍‌ସି ଗାଡ଼ି ଆସି ଅଳିଆଗୁଡ଼ିକୁ ନେବ। ଏଥିପାଇଁ ବିଦ୍ୟାଳୟକୁ କୌଣସି ପ୍ରକାର ଅର୍ଥ କିମ୍ବା ଫି' ଦେବାକୁ ପଡ଼ିବ ନାହିଁ।

# ଟେଣ୍ଡରରେ ଅଟକିଛି କୁକୁର ମଶାଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୁକୁରଙ୍କ ପାଇଁ ମଶାଣି କରିପାରିଲାନି ବିଏମ୍‌ସି। ପଲାସୁଣି ମେଗା ଏମ୍‌ସିସି ଭିତରେ କରିବା ପାଇଁ ଟେଣ୍ଡର କଲା। ହେଲେ ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିଲାନି। ବରମୁଣ୍ଡା ରାଜପଥ କଡ଼ରେ ଗଦାକଲା। ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବାରୁ ଗଣମାଧ୍ୟମରେ ପ୍ରକାଶ ପାଇଲା।ନଆକ୍ରୋଶର ଶିକାର ହେଲା ବିଏମ୍‌ସି। ଏଣୁ ଜାଗାକୁ ସଫା କରି ସୌନ୍ଦର୍ଯ୍ୟକରଣ କଲା। ଶେଷରେ ସହରଠୁଁ ଦୂରରେ ଥିବା ଜାମୁକୋଳି ଗୋଶାଳାକୁ ନିରାପଦ ସ୍ଥାନ ଭାବରେ ବାଛିଲା। ସରକାର ପ୍ରଦାନ କରିଥିବା ଅତିରିକ୍ତ ୨୦ ଏକର ଜାଗାରେ ଗୋଶାଳା କରିବ କଣ, ତାହାକୁ କୁକୁର ମଶାଣି କରିଦେଲା। ପ୍ରତ୍ୟେକ ଦିନ ସହରରୁ ବାହାରୁଥିବା କୁକୁରଙ୍କ ଶବକୁ ନେଇ ସେଠାରେ ପୋତିଲା। ତେବେ ସ୍ଥାନୀୟ ଲୋକ ଓ ଜନପ୍ରତିନିଧିଙ୍କ ସାମ୍ନାରେ ପଡ଼ିଯିବାରୁ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଆମ ଅଞ୍ଚଳରେ ଗୋଟିଏ ହେଲେ କୁକୁରଙ୍କ ଶବ ପୋତା ଯାଇ ପାରିବ ନାହିଁ ବୋଲି ଲୋକ ସେମାନେ ରୋକ୍‌ଠୋକ୍ ଶୁଣାଇଦେବା ସହ ଶବ ଗାଡ଼ି ଆସିଲେ ଗାଁକୁ ପୁରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇବା ପରେ ବିଏମ୍‌ସିର ଜନପ୍ରତିନିଧି ଓ ଅଧିକାରୀ ସେମାନଙ୍କୁ ବୁଝାସୁଝା କରିଥିଲେ। ବନ୍ଧ୍ୟାକରଣ ବନ୍ଦ ଥିବାରୁ ଭୁବନେଶ୍ୱରରେ କୁକୁରଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିଯାଇଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଓ ବିଭିନ୍ନ ରୋଗରେ ପଡ଼ି ୨୦ରୁ ୩୦ କୁକୁରଙ୍କ ମୃତ୍ୟୁ ଘଟୁଛି। ବିଭିନ୍ନ ଅଞ୍ଚଳରୁ ବିଏମ୍‌ସି ଏହି ସବୁ କୁକୁରଙ୍କ ଶବ ସଂଗ୍ରହ କରୁଛି। କିନ୍ତୁ ମଶାଣି ନଥିବାରୁ ଜାମୁକୋଳି ଗୋଶାଳାରେ ପୋତିଦେଉଛି। ଏଭଳି ନିୟମିତ ଚାଲିଥିଲେ ମଧ୍ୟ ଗତକାଲି ଧରାପଡ଼ି ଯାଇଥିଲେ। ସେଠାରେ ବିରୋଧ ହେବାରୁ ଏବେ କେଉଁଠି ପୋତିବେ ସେ ନେଇ ଅଧିକାରୀ ଚିନ୍ତାରେ ପଡ଼ିଛନ୍ତି। ଏବେ ସ୍ୱଚ୍ଛ ସର୍ବେକ୍ଷଣ ଚାଲିଥବାରୁ ଏଭଳି ସ୍ଥିତି ଲାଗି ରହିଲେ ବିଏମ୍‌ସି ଆଶା କରିଥିବା ରାଙ୍କ୍ ନପାଇବା ଥୟ ହୋଇଛି।

# ୩ ମାସ ହେଲା ଅଚଳ ଡିଜିଟାଲ ଏକ୍ସରେ
# ଲମ୍ବା ଧାଡ଼ିରେ ହାଡ଼ ଭଙ୍ଗା ରୋଗୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେବଳ ଭୁବନେଶ୍ୱର ନୁହେଁ, ବରଂ ଉପକଣ୍ଠ ସମେତ ସୀମାନ୍ତ ଜଲ୍ଲାର ଶହଶହ ରୋଗୀ କ୍ୟାପିଟାଲ୍ ହସ୍‌ପିଟାଲ୍ ଉପରେ ନିର୍ଭର କରନ୍ତି। ବିଭିନ୍ନ ସମୟରେ ବଡ଼ବଡ଼ିଆ ହସ୍‌ପିଟାଲ୍‌କୁ ଅଚାନକ୍ ପରିଦର୍ଶନ କରି ସ୍ୱାସ୍ଥ୍ୟସେବାର ସ୍ଥିତି ପରଖନ୍ତି। ହସ୍‌ପିଟାଲ୍ ଉପରେ ନିର୍ଭର କରୁଥିବା ରୋଗୀଙ୍କ ସଂଖ୍ୟାକୁ ଗୁରୁତ୍ୱର ସହ ନେଇ ସରକାର ଭିତ୍ତିଭୂମି ବିକାଶରେ ମୋଟା ଅଙ୍କର ଅର୍ଥ ବି ଖର୍ଚ୍ଚ କରନ୍ତି। କିନ୍ତୁ ସାମ୍ନାକୁ ଆସିଥିବା ଏକ ବିକଳ ଚିତ୍ର ଏଠାକାର ସ୍ୱାସ୍ଥ୍ୟସେବାକୁ ପରିହାସ କରୁଛି। ୩ ମାସ ହେଲା ଡିଜିଟାଲ୍ ଏକ୍ସରେ ଖରାପ ଥିବାରୁ ଏକ୍ସରେ ହୋଇ ପାରୁନାହିଁ। ଯେଉଁ ଗୋଟିଏ ମେସିନ୍ ଠିକ୍ ଅଛି ସେଠାରେ ପ୍ରତ୍ୟେକ ଦିନ ଶହଶହ ହାଡଭଙ୍ଗା ରୋଗୀ ଧାଡ଼ି ବାନ୍ଧୁଛନ୍ତି। ଉଚିତ୍ ସମୟରେ ଏକ୍ସରେ ହୋଇ ପାରୁ ନଥିବାରୁ ସ୍ଥିତି ସଙ୍ଗିନ ହେଉଛି। ଯେଉଁମାନେ ଗୁରୁତର ଅଛନ୍ତି ସେମାନେ ଘରୋଇ ପାଥୋଲାବ୍‌ରେ ଶୋଷଣର ଶିକାର ହେଉଛନ୍ତି। ପୁରୁଣା ଭୁବନେଶ୍ୱରର ଅବିନାଶ ସାହୁଙ୍କ ଅଭିଯୋଗ ହେଉଛି, ପୁଅ ସାଇକେଲ୍‌ରୁ ପଡ଼ିଯିବାରୁ ତାକୁ କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ପରୀକ୍ଷା କରିବା ପରେ ବାମ ହାତ ଭାଙ୍ଗି ଥିବା ଜଣାପଡ଼ିଥିଲା। ଡାକ୍ତର ତାଙ୍କୁ ଏକ୍ସରେ କରି ରିପୋର୍ଟ ଆଣିବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଆଧାରରେ ହସ୍‌ପିଟାଲ୍ ପରିସରରେ ଥିବା ଏକ୍ସରେ କକ୍ଷକୁ ନେଇଥିଲେ। ସେଠାରେ ଗୋଟିଏ ଏକ୍ସରେ ଖରାପ ଥିଲା। ଅନ୍ୟ ଯେଉଁ ଦୁଇଟି ମେସିନ ମଧ୍ୟରୁ ଗୋଟିଏର ପ୍ରିଣ୍ଟର ଖରାପ ଥିଲା। କେବଳ ଗୋଟିଏ ମେସିନ କାମ କରୁଥିଲା। ଗୋଟିଏ ମେସିନ୍‌କୁ ଶହଶହ ରୋଗୀ। ଧାଡ଼ି ଲଗାଇବାର ପ୍ରାୟ ୪୦ ମିନିଟ ପରେ ତାଙ୍କ ପାଳି ପଡ଼ିଲା। ଏକ୍ସରେ ପରେ ରିପୋର୍ଟ ପାଇଁ ୩୦ ମିନିଟ ଅପେକ୍ଷା କଲେ। ଏଭଳି ହସ୍‌ପିଟାଲ୍ ପହଞ୍ଚିବାର ଘଣ୍ଟାଏ ୧୦ ମିନିଟ୍ ପରେ ସେ ରିପୋର୍ଟ ପାଇଲେ। ଏହା କେବଳ ଗୋଟିଏ ମାତ୍ର ଉଦାହରଣ। ପ୍ରତ୍ୟେକ ଦିନ ସେଠାରେ ଶହଶହ ରୋଗୀଙ୍କର ଏଭଳି ସମାନ କାହାଣୀ। ଗରୀବ ରୋଗୀଙ୍କର ଏହି ହସ୍‌ପିଟାଲ୍ ପ୍ରଥମ ପସନ୍ଦ ହୋଇଥିବାରୁ ଏଭଳି ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ କ୍ୟାପିଟାଲ ହସ୍ପିଟାଲରେ ୩ଟି ଏକ୍ସରେ ମେସିନ୍ ରହିଛି। ଏଥିରେ ୨୪ ଘଣ୍ଟା ସେବା ଯୋଗାଇ ଦିଆଯାଉଛି। ସେଥିମଧ୍ୟରୁ ଗୋଟିଏ ମେସିନ ତଥା ବଡ଼ ଡିଜିଟାଲ ମେସିନଟି ୩ ମାସ ହେବ ଖରାପ ହୋଇଯାଇଛି। ଏବେ ଯାଏ ଏହା ମରାମତି କରାଯାଇ ନାହିଁ। ଆଉ ଯେଉଁ ଦୁଇଟି ଏକ୍ସରେ ଚାଲୁଛି ସେଥିରେ ଲାଗିଥିବା ପ୍ରିଣ୍ଟର ବେଳେ ବେଳେ ପ୍ରବଳ ଚାପରେ ଖରାପ ହୋଇ ଯାଉଛି। ଫଳରେ ଗୋଟିଏ ମେସିନରେ ଏକ୍ସରେ ହେଉଛି। ଦିନକୁ ହାରାହାରି ୧୦୦ରୁ ଊର୍ଦ୍ଧ୍ୱ ଆହତ ଓ ରୋଗୀ ଏକ୍ସରେ ପାଇଁ ଆସୁଛନ୍ତି। ଗୁରୁତରମାନେ ଏକ୍ସରେ ପାଇଁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଥିବାରୁ ପ୍ରତ୍ୟେକ ଦିନ ସେଠାରେ ଏକ ବିଚିତ୍ର ସ୍ଥିତି ସୃଷ୍ଟି ହେଉଛି। ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଏକ୍ସରେ ମେସିନ ଖରାପ ହୋଇଛି। ଏ ନେଇ ସଂପୃକ୍ତ ସଂସ୍ଥାକୁ ଜଣାଇ ଦିଆଯାଇଛି। କିନ୍ତୁ ଏହାର ମରାମତି ହୋଇନାହିଁ। ଅନ୍ୟ ଯେଉଁ ମେସିନ ରହିଛି ତାହା ଉପରେ ପ୍ରବଳ ଚାପ ପଡୁଥିବାରୁ ପ୍ରିଣ୍ଟର ଖରାପ ହୋଇଯାଉଛି। ତୁରନ୍ତ ଏହାକୁ ମରାମତି କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି।

# ଏ ବର୍ଷ ନିର୍ଘାତ ଖରା : ଫେବୃୟାରୀ, ମାର୍ଚ୍ଚ, ଏପ୍ରିଲରେ ଜଳିବ ଓଡ଼ିଶା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏବେଠାରୁ ତାଉ ଦେଖାଇଲାଣି । ଜାନୁଆରୀ ଶେଷରୁ ରାଜ୍ୟରେ ଅସ୍ୱାଭାବିକ ଗରମ । ପାରଦ ୩୪ ଡିଗ୍ରୀ ସେଲସିୟସ୍ ପାର । ଏଇତ ଆରମ୍ଭ, ଆଗକୁ ଆସୁଛି ଭୟାନକ ଗ୍ରୀଷ୍ମ ପ୍ରବାହ । ଜାଳିବ, କଲବଲ କରିବ । ଛଟପଟ କରିଦେବ ଜନଜୀବନକୁ । ସାରା ଓଡ଼ିଶା ଜଳିବ । ଗରମ ବାମ୍ଫରେ ଭାଜି ହେବ ଉପକୂଳ ଓଡ଼ିଶା । ଏଭଳି ପୂର୍ବାନୁମାନ ଦେଖାଇଲେଣି ଆନ୍ତର୍ଜାତିକ ପାଣିପାଗ ବିଜ୍ଞାନ ସଂସ୍ଥା । ଜାନୁଆରୀ ତାଉ ସଙ୍କେତ ଦେଲାଣି- ଏ ବର୍ଷ ରାଜ୍ୟ ଜଳିବ ନିର୍ଘାତ ଖରାରେ । କଲମ୍ବିଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କ୍ଲାଇମେଟ ସ୍କୁଲ୍‌ର ଆକଳନ ଅନୁସାରେ ଚଳିତବର୍ଷ ଫେବ୍ରୁଆରୀ, ମାର୍ଚ୍ଚ, ଏପ୍ରିଲ ମାସରେ ଭାରତରେ ଭୀଷଣ ଗରମ ଅନୁଭୂତ ହେବ । ସମ୍ଭାବ୍ୟ ଚିତ୍ର ଦେଖାଉଛି, ଉତ୍ତର ଭାରତର କିଛି ଅଂଶ, ପଶ୍ଚିମ ଓ କେନ୍ଦ୍ରୀୟ ଭାରତର



କିଛି ରାଜ୍ୟ ସହ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ରହିବ । ଗତ ବର୍ଷ ତୁଳନାରେ ଏ ବର୍ଷ ଓଡ଼ିଶା ସମେତ ଦେଶରେ ଅଧିକ ଗରମ ଅନୁଭୂତ ହୋଇପାରେ । ଏପଟେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଫେବ୍ରୁୟାରୀ ମାସ ପାଇଁ ପୂର୍ବାନୁମାନ ଜାରି କରିଛି । ଏହି ଆକଳନ ଅନୁସାରେ ଏଥର ଫେବ୍ରୁଆରୀରେ ଶୀତ ପ୍ରକୋପ ସମ୍ଭାବନା କମ୍। ସାରା ଦେଶରେ ଉଭୟ ଦିନ ଓ ରାତି ତାପମାତ୍ରା ସ୍ୱାଭାବିକଠାରୁ ବେଶ୍ ଅଧିକ ରହିପାରେ । ଓଡ଼ିଶାରେ ବି ଶୀତ ରହିବନି । ଦିନ ଓ ରାତି ତାପମାତ୍ରା ସ୍ୱାଭାବିକଠାରୁ ଢେର ଅଧିକ ରହିବ । ମଝିରେ ମଝିରେ ବର୍ଷା ସମ୍ଭାବନା ବି ଦେଖାଯାଉନି । ସମ୍ଭାବ୍ୟ ଚିତ୍ର ଅନୁସାରେ ଓଡ଼ିଶାରେ ଫେବ୍ରୁୟାରୀରେ ଖରା ପ୍ରକୋପ ଅଧିକ ରହିବ । ଛତିଶଗଡ଼ ସଂଲଗ୍ନ ଦକ୍ଷିଣ ଓଡ଼ିଶାରେ ବେଶି ଗରମ ରହିପାରେ । ବର୍ତ୍ତମାନ ରାଜ୍ୟରେ ଶୀତ ଗାଏବ । ଜାନୁଆରୀର ଶେଷ ଦିନରେ ରାଜ୍ୟରେ ଅସ୍ୱାଭାବିକ ଗରମ ହେଲାଣି । ୧୦ଟି ସ୍ଥାନରେ ଦିନ ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ୍ ଡେଇଁଛି ଝାରସୁଗୁଡ଼ା ତାପମାତ୍ରା ୩୪.୫, ଭବାନୀପାଟଣା ୩୪, ପାରଳାଖେମୁଣ୍ଡିରେ ୩୪ ଡିଗ୍ରୀ ଛୁଇଁଛି । ଜାନୁଆରୀ ରେକର୍ଡ କହୁଛି, ଏହା ଝାରସୁଗୁଡ଼ା ପାଇଁ ଜାନୁଆରୀର ତୃତୀୟ ସର୍ବୋଚ୍ଚ ତାପମାତ୍ରା। ତେବେ ଭବାନୀପାଟଣା ପାଇଁ ଏହା ଜାନୁଆରୀର ଦ୍ୱିତୀୟ ସର୍ବାଧିକ ତାପମାତ୍ରା। ୧୯୭୩ ମସିହା ପରେ ଭବାନୀପାଟଣାରେ ଜାନୁଆରୀରେ ଏତେ ତାତି ଅନୁଭୂତ ହୋଇଛି। ଝାରସୁଗୁଡ଼ା ଓ ଭବାନୀପାଟଣାରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ ଅଧିକ ରହିଛି । ବିଶେଷଜ୍ଞଙ୍କ ପୂର୍ବାନୁମାନ ହେଲା, ରାଜ୍ୟରେ ଏବେ ଖରା ବଢ଼ିବ । ରାତି ତାପମାତ୍ରାରେ ଏବେ କିଛି ପରିବର୍ତ୍ତନ ସମ୍ଭାବନା ନାହିଁ । କୁହୁଡ଼ି ପ୍ରକୋପ ଲାଗି ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ ଓ ଗଞ୍ଜାମରେ ଘନ କୁହୁଡ଼ି ରହିବ ଶନିବାର ସକାଳେ । ଏସବୁ ଜିଲ୍ଲାର କିଛି ଅଞ୍ଚଳ ସମେତ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, ନୟାଗଡ଼ ଓ କୋରାପୁଟର ସ୍ଥାନେ ସ୍ଥାନେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ । ୨ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟରେ କୁହୁଡ଼ି ରହିବ । ତା'ପରେ କୁହୁଡ଼ି କମିବ । ୨୦୨୩ ପରେ ୨୦୨୪ରେ ବି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ବିଶ୍ୱ ତାତିଥିଲା । ଓଡ଼ିଶା ବି ଜଳିଥିଲା ଭୟଙ୍କର ତାତିରେ। ଏ ବର୍ଷ ପୁଣି ଥରେ ଭୟାନକ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଘାରିଲାଣି । ଚଳିତବର୍ଷ ଜାନୁଆରୀ ମାସ ବିଶ୍ୱ ପାଇଁ ସବୁଠାରୁ ଉତ୍ତପ୍ତ ଥିଲା। ପାଣିପାଗ ବିଭାଗ ତଥ୍ୟ ଅନୁସାରେ ବଲାଙ୍ଗୀର ୩୩.୮, ସମ୍ବଲପୁର ୩୩.୬, ହୀରାକୁଦ ୩୩.୬, ଭଦ୍ରକ ୩୩.୬, ଅନୁଗୁଳ ୩୩.୧, ସୋନପୁର ୩୩.୧, ନୂଆପଡ଼ା ୩୩ ଡିଗ୍ରୀ ଥିଲା । ଭୁବନେଶ୍ୱର ତାପମାତ୍ରା ୩୨.୪ ଥିବାବେଳେ ଜଗତସିଂହପୁର ଓ ନବରଙ୍ଗପୁର ୩୨.୫ ଡିଗ୍ରୀ ଥିଲା । ଭୁବନେଶ୍ୱର ତାପମାତ୍ରା ୩୦ ଡିଗ୍ରୀ ଥିବାବେଳେ ଆହୁରି ୨ ଡିଗ୍ରୀ ବଢ଼ିଯାଇଥିଲା । ରାତି ତାପମାତ୍ରା ବଢ଼ିଲାଣି । ଏମିତିକି ବିନା ପଙ୍ଖାରେ ରାତିରେ ଶୋଇବା ଏବେ କଷ୍ଟକର ହେଲାଣି । କୋରାପୁଟ ଓ କନ୍ଧମାଳକୁ ଛାଡ଼ିଦେଲେ ବାକି ସବୁ ଜିଲ୍ଲାରେ ରାତି ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି ।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି। ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି। ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୁଡୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର

କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଅଛି
ସଦା ତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)

ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)

ଦୁଃଖ ସୁଖ ରୋଗ ଭୋଗ
ସଂସାର ଯାତନା
ଦେହେ ବ୍ରହ୍ମ ଗୁପ୍ତ ଥାଇ
ଭୋଗଇ ବାସନା (୧୮୪)

ଚିନ୍ତା ନାହିଁ ଯେଣୁ ତାର
ଅଚିନ୍ତ୍ୟ ପୁରୁଷ
ଶରୀରରେ ଗୁପ୍ତେ ଥାଇ
କରଇ ରାହାସ (୧୮୫)
(କ୍ରମଶଃ)

# ସନ୍ଥ ଅରକ୍ଷିତ ଦାସ ଓ ଓଳାଶୁଣୀ ମେଳା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



ପବିତ୍ର ମାଘ, କୃଷ୍ଣପକ୍ଷ ଏକାଦଶୀ। ମହାପୁରୁଷ ଅରକ୍ଷିତ ଦାସଙ୍କ ମହାପ୍ରୟାଣ। ଏ ଉପଲକ୍ଷେ ବିରାଟ ମହୋତ୍ସବ। ଏଥି ସହିତ ବଡ଼ମେଳାର ଆୟୋଜନ। ନାହିଁ ନ ଥିବା ଭାକ୍ତିକ ପରିବେଶ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାବେଶ। ଉକ୍ତ ଏକାଦଶୀ ଗୁମ୍ଫା ଏକାଦଶୀ ନାମେ ଖ୍ୟାତ।

ପାଞ୍ଚ ନମ୍ବର (କ) ଜାତୀୟ ରାଜପଥ, ଲମ୍ବିଛି ଦୈତାରିରୁ ପାରାଦ୍ୱୀପଯାଏ। ଏହି ରାଜପଥରେ ଚଣ୍ଡୀଖୋଲ ଛକ, ସେଠାରୁ ଆଗକୁ ମାତ୍ର କୋଡ଼ିଏ କିଲୋମିଟର, କେନ୍ଦ୍ରାପଡ଼ା ଆଡୁ ଆସିଲେ ଦଶ କି.ମି. ପରେ, ପଡ଼େ ଓଳାଶୁଣୀ ପାହାଡ଼। ଏଇଟି ଜାତୀୟ ରାଜପଥ କଡ଼ରେ। ତାହା ଗୁମ୍ଫା ପାହାଡ଼ ନାମରେ ଖ୍ୟାତ। ପାହାଡ଼ ପାଦଦେଶ ଦେଇ ବହିଯାଉଛି ପୁଣ୍ୟତୋୟା ଗୋବରୀ। ଅଦୂରରେ ହୀରକ ତ୍ରିଭୁଜ (ଲଳିତଗିରି-ଉଦୟଗିରି-ରତ୍ନଗିରି)। ଏଗୁଡ଼ିକ ବିଶ୍ୱର ପ୍ରସିଦ୍ଧ ବୌଦ୍ଧବିହାର। ସେହିପରି ଓଳାଶୁଣୀ ପାହାଡ଼ ସନ୍ଥ ଅରକ୍ଷିତ ଦାସଙ୍କ ପାଇଁ ବହୁଜନ ବିଦିତ। ଏହା ବି ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର। ଏହା ସନ୍ଥ ଯୋଗୀ ଅରକ୍ଷିତ ଦାସଙ୍କ ଶେଷ ସାଧନା ପୀଠ। ଅରକ୍ଷିତ ଖଣ୍ଡଗିରି, କେରାଣ୍ଡିମାଳ ଆଦି କେତେକ ପାହାଡ଼ରେ ଯୋଗ ସାଧନା କରିଥିଲେ, ସେଠାରେ ମନ ବୁଝିନଥିଲା, ଶେଷରେ ବାଛିଲେ ଓଳାଶୁଣୀ ପାହାଡ଼କୁ। ସେଇଠି ତାଙ୍କର ସାଧନା, ସିଦ୍ଧି, ସମାଧି ମଧ୍ୟ। ସେଇ ମହାନଯୋଗୀଙ୍କ ସମାଧି ଦିବସ ମାଘକୃଷ୍ଣ, ଏକାଦଶୀ, ୧୨୪୫ ସାଲ, ସନ ୧୭୮୮ ଖ୍ରୀ.ଅ. ଓଡ଼ିଶାର ଗଜପତିରାଜା ରାମଚନ୍ଦ୍ର ଦେବଙ୍କ ପ୍ରଥମ ଅଙ୍କ। ଅରକ୍ଷିତଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇ ଆସୁଛି ସେଇଦିନଠୁଁ। ଏ ଦିନ ବହୁ ଭକ୍ତଙ୍କ ସମାଗମ ହୁଏ। ପ୍ରଥମରୁ ମହୋତ୍ସବର ଅବଧି ଥିଲା ୨/୩ ଦିନ। ଏବେ ତାହା ଏକ ସପ୍ତାହରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ହଜାର ହଜାର ସଂଖ୍ୟାରେ ଏକତ୍ରିତ ହେଉଛନ୍ତି। ସିଦ୍ଧ ସନ୍ଥ ଅରକ୍ଷିତଙ୍କୁ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରୁଛନ୍ତି। ଉତ୍ସବଟି ବିଭିନ୍ନ ନାମରେ ପ୍ରସିଦ୍ଧ। କାହା ପାଇଁ ଏହା ଗୁମ୍ଫା ଏକାଦଶୀ, କିଏ କହେ ଓଳାଶୁଣୀ ମେଳା। ଆଉ କିଏ କହନ୍ତି ମହାପୁରୁଷଙ୍କ ମହାପ୍ରୟାଣ ଉତ୍ସବ। ଏକଥା ଲୋକମୁଖରେ ପ୍ରଚଳିତ। ଅଧୁନା ଏହି ସମାଧି ଦିବସଟି ଗଣଉତ୍ସବରେ ପରିଣତ ହୋଇଛି।

ଓଳାଶୁଣୀ ପାହାଡ଼ର ଅବସ୍ଥିତି ପଲେଇ ମୌଜା ରକବାରେ। ଏକଦା ଏହା କେନ୍ଦ୍ରାପଡ଼ାର ରାଧେଶ୍ୟାମ ନରେନ୍ଦ୍ରଙ୍କ ଜମିଦାରୀ ଅନ୍ତର୍ଭୁକ୍ତ ଥିଲା। ସେତେବେଳେ ନରେନ୍ଦ୍ର ଜମିଦାରୀ ଥିଲା ସମୃଦ୍ଧଶାଳିନୀ। ସ୍ୱର୍ଗର ଇନ୍ଦ୍ରଙ୍କ ସହିତ ସେ ତୁଳନୀୟ। ଏକଥାଟି ଜନମୁଖରେ ଏବେବି ଉଜ୍ଜୀବିତ। ଏ ନେଇ ପ୍ରବାଦଟିଏ - "ସ୍ୱର୍ଗେ ଇନ୍ଦ୍ର ମର୍ତ୍ତ୍ୟେ ନରେନ୍ଦ୍ର।" ରାଧେଶ୍ୟାମ ଅରକ୍ଷିତଙ୍କ ଅଧ୍ୟାତ୍ମ ଚିନ୍ତନରେ ପ୍ରଭାବିତ ହେଲେ, ତାଙ୍କୁ ଅନୁମତି ଦେଲେ, ଅରକ୍ଷିତ ଓଳାଶୁଣୀରେ ଯୋଗ ସାଧିଲେ। ସେଇଟି ଅନନ୍ତଗୁମ୍ଫା, ଏହା ପାହାଡ଼ ଶୀର୍ଷଦେଶରେ। ସେଠାରେ ସନ୍ଥଙ୍କ ଶୟନଶଯ୍ୟା। ତାହା ଏକ ଲମ୍ବ ପ୍ରସ୍ତର, କଟାଯାଇ ଶଯ୍ୟାକୃତି ହୋଇଚି। ଏହା ମହାପୁରୁଷଙ୍କ ସାଧନା ପୀଠର ସନ୍ତନ ରୂପେ ସୁରକ୍ଷିତ।

ସଂସାରତ୍ୟାଗୀ ଚିର ବୈରାଗୀ ଅରକ୍ଷିତ। ତାଙ୍କ ପିଲାବେଳର ନାଁ ବଳଭଦ୍ର ଦେବ, ପିତା ପଦ୍ମନାଭ ଦେବ। ଅରକ୍ଷିତଙ୍କ ଜନ୍ମ ବଡ଼ଖେମୁଣ୍ଡି ରାଜବଂଶରେ। ଜନ୍ମବର୍ଷ ୧୭୮୨ ମସିହା। ମତାନ୍ତରେ ୧୭୮୮। ବଳଭଦ୍ରଙ୍କ ପିତା ପଦ୍ମନାଭଙ୍କର ସେ ଏକମାତ୍ର ସନ୍ତାନ। ତାଙ୍କୁ ନେଇ ପିତାମାତା ବହୁ ଆଶାପୋଷଣ କରିଥିଲେ, ବଳଭଦ୍ର କୁଳ ଉଜ୍ଜ୍ୱଳ କରିବ, ରାଜବଂଶର ନାଁ ରଖିବ, ତାହା ତ ସମ୍ଭବ ହେଲା, କିନ୍ତୁ ରାଜ ସୁଖ ବିଳାସ ନୁହେଁ, ଜଣେ ସଦାଚାରୀ ସନ୍ଥ ବ୍ରହ୍ମ ଅବଧୂତ ଭାବେ ଖ୍ୟାତ ହେଲେ। ଏହା ପିତାମାତାଙ୍କ ଆକଳନ ବାହାରେ ଥିଲା। ବଳଭଦ୍ରଙ୍କ ଥିଲା ସନ୍ନ୍ୟାସ ଯୋଗ। ତାଙ୍କୁ ପାର୍ଥିବ ସୁଖ ଲାଳସା ବାନ୍ଧି ରଖି ପାରିଲାନି। ବାଲ୍ୟକାଳରୁ ତାଙ୍କର ସନ୍ନ୍ୟାସ ଭାବ ଜାଗରିତ ହେଲା। ପିତାମାତାଙ୍କୁ କହିଲେ ତତ୍ତ୍ୱଜ୍ଞାନ, ବୈରାଗ୍ୟ କଥା ବଖାଣିଲେ। ସଂସାର ବନ୍ଧନରେ ଛନ୍ଦି ହେବାକୁ ବାରଣ କଲେ। ନାରୀମାନେ ବନ୍ଦନୀୟା, ମାତୃସ୍ଥାନୀୟା ଏକଥା ସେ ପିତାଙ୍କୁ କହିଥିଲେ। ଅରକ୍ଷିତ ବିବାହ ବନ୍ଧନକୁ ନାଁ କଲେ। ଆସିଲା ଅରକ୍ଷିତଙ୍କ ଆକାଂକ୍ଷିତ ଦିବସଟି। ବୈଶାଖ ମାସ, ଶୁକ୍ଳାଷ୍ଟମୀ, ଗୁରୁବାର - ବଳଭଦ୍ର ଘର ଛାଡ଼ିଲେ। ମଧ୍ୟରାତ୍ରି, ଘଞ୍ଚ ଅରଣ୍ୟ, ହିଂସ୍ର ଜନ୍ତୁସଙ୍କୁଳ, ଏ ସବୁକୁ ସେ ଅତିକ୍ରମ କଲେ, ପହଞ୍ଚିଲେ କେରାଣ୍ଡିମାଳ ପାହାଡ଼ରେ, ଯୋଗ ସାଧିଲେ - ଏଣିକି ତାଙ୍କ ନାଁ ବଦଳିଗଲା, ସାଙ୍ଗିଆବି। ସେ ହେଲେ ଅରକ୍ଷିତ ଦାସ।

ଅରକ୍ଷିତ ଦାସଙ୍କ ନାମକୁ ନେଇ କିମ୍ବଦନ୍ତୀଟିଏ। ଦିଗପହଣ୍ଡୀ କଚେରୀ, ରାତ୍ର ସମୟ, ଅଚାନକ ପହଞ୍ଚିଲେ ସାଧୁ କେତେଜଣ। ସାଧୁ ସନ୍ଥଙ୍କର ରାଜଦରବାରରେ କାଳେ କାଳେ ଆଦର। ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହେଲା। ସାଧୁଙ୍କ ମଣୋହି ରମ୍ଭାପତ୍ରରେ, କଚେରୀ ନିକଟରେ ରହୁଥିଲେ ଜଣେ ବିଧବା ବ୍ରାହ୍ମଣୀ। ବଳଭଦ୍ର ତାଙ୍କ ବାଡ଼ିରୁ ପତ୍ର କାଟିଲେ, ଶବ୍ଦ ଶୁଣି ବ୍ରାହ୍ମଣୀ ଚିତ୍କାର କଲେ, କିଏ ସେ ଅରକ୍ଷିତଟା ପତର କାଟୁଚି କହି କଟାକ୍ଷ କଲେ। ବ୍ରାହ୍ମଣୀ ଆଗରେ ରାଜକୁମାର ବଳଭଦ୍ର। ବଳଭଦ୍ରଙ୍କର ନଥିଲା କ୍ରିୟା ପ୍ରତିକ୍ରିୟା। ସେଇଦିନୁ ନିଜକୁ ପରିଚୟ ଦେଲେ ଅରକ୍ଷିତ ଭାବେ। ଜଣେ ସଂସାର ତ୍ୟାଗୀଙ୍କ ପାଇଁ ଏଇ ନାଁଟି ସର୍ବୋତ୍କୃଷ୍ଟ। ଏକଥାଟି ଶକାବ୍ଦରେ ଉଲ୍ଲିଖିତ - "ପତ୍ରକୁ ନ ପାଇଣ ମୁହିଁ / ବ୍ରାହ୍ମଣୀ ବାଡ଼ିରେ ମିଳଇ / ପତ୍ର କାଟିଲି ଖଣ୍ଡ ଦଶ / ଶୁଣି ବ୍ରାହ୍ମଣୀ ମନେ ତ୍ରାସ / ଡାକିଲା ଉଚ୍ଚେ କୋପ କରି / କେ ମୋ ବାଡ଼ିରେ ଚୋରିକରି / ଏଡ଼େ ଭରସାରେ ତୋର / ପତ୍ରକାଟୁ ନିଶା ରାତ୍ରର / ତା ବାଣୀ ଶୁଣି ମୁଁ କହଇ / ଅର୍କ୍ଷିତ ପତ୍ର ମୁଁ ନେବଇ।" ସେଇଦିନୁ ସେ ହେଲେ ଅରକ୍ଷିତ! ମହୀମଣ୍ଡଳ ଗୀତାରେ ନିଜ ଜୀବନ କଥା ବାଢ଼ିଛନ୍ତି ଅରକ୍ଷିତ। ସେ ନାନା ସ୍ଥାନ ବୁଲିଛନ୍ତି, ସାଧନାରତ ରହିଛନ୍ତି। ଶ୍ରୀକ୍ଷେତ୍ରକୁ ଯାଇଛନ୍ତି, ସବୁଠି ନିରାଶ ହୋଇଛନ୍ତି। ପୁରୀରେ ପହଞ୍ଚିଲା ବେଳେ ତାଙ୍କୁ ୧୯ ବର୍ଷ, ତାଙ୍କୁ କିଏ ପାଗଳ କହିଛି, ସେ ବାଉରୀ ହାତରୁ ମାଡ଼ ଖାଇଛନ୍ତି, ଓପାସ ଭୋକେ ଦିନ ବିତିଛି, ପାଇ ନାହାନ୍ତି ତତ୍ତ୍ୱଜ୍ଞାନ। ପୁରୀରେ ଦିଅଁ ଦର୍ଶନ ହେଇନି, ଫେରିଛନ୍ତି ଅଠରନଳା ଠାରୁ। ସେଇ ହତାଶା କଥା ବଖାଣିଛନ୍ତି- "ସତର ବରଷ ଯେଠାରୁ / ସୁବୁଦ୍ଧି ହେଲା ମୋ ହୃଦୟରୁ / ଦୁଇ ବରଷ ଘର ଠାରେ / ରହିଲି ତୁମ୍ଭ ଭାବନାରେ / ତୁମ୍ଭର ଭାବେ ଚିତ୍ତ ଦେଲି / ରାତ୍ର ଦିବସ ନଜାଣିଲି / ଭାବିଲି ଘରେ କାର୍ଯ୍ୟ ନାହିଁ / ଅରଣ୍ୟେ ପଶିଯିବ ମୁହିଁ।" ଅରକ୍ଷିତ ପାଞ୍ଚଦିନ ପୁରୀରେ ରହିଲେ, ପ୍ରଭୁଙ୍କ କୃପା ହେଲାନି, ନାନାଦି କଷଣ ସହିଲେ, ଅନ୍ନ ପାଣି ମିଳିଲାନି। ଶେଷରେ - "ବୋଇଲି ଏଇ କାର୍ଯ୍ୟ ନାହିଁ / ବ୍ରହ୍ମାଣ୍ଡେ ପୂରିଅଛି ସେହି / ଏମନ୍ତ ମନେ ମୁଁ ପାଞ୍ଚିଲି / ଅଠର ନଳା ପାରି ହେଲି।" ଶେଷରେ ଆଦରି ନେଲେ ଓଳାଶୁଣୀ ପୀଠକୁ, ଧ୍ୟାନମଗ୍ନ ରହିଲେ, ସିଦ୍ଧିଲାଭ କଲେ, ହେଲେ ମହାପୁରୁଷ ଅରକ୍ଷିତ ଦାସ।

ଶ୍ରୀ ଶ୍ରୀ ବ୍ରହ୍ମ ଅବଧୂତ ଅରକ୍ଷିତ ଦାସ। ତାଙ୍କ ସମୟରେ ସାମାଜିକ ସଂକଟ, ଧର୍ମର ଅବକ୍ଷୟ। ସେ ସତ୍ୟ, ନ୍ୟାୟ, ଧର୍ମ ପ୍ରତିଷ୍ଠାରେ ଲାଗିଲେ। ତାଙ୍କ ସ୍ୱଚିନ୍ତନ, ଆଦର୍ଶ, ସଂସ୍କାରବାଦୀ ଚେତନାରେ ମୁଗ୍ଧ ହେଲେ ଭକ୍ତକୁଳ। ଅରକ୍ଷିତ ସଂଯମ, ତ୍ୟାଗନିଷ୍ଠ ଜୀବନ ଉପରେ ଗୁରୁତ୍ୱ ଦେଲେ। ଜାତ୍ୟାଭିମାନ ଦୂରୀଭୂତ ପାଇଁ ପ୍ରଚେଷ୍ଟା କଲେ। ଜାତି, ଧର୍ମ, ବର୍ଣ୍ଣ ବିଦ୍ୱେଷ ତାଙ୍କର ନଥିଲା। ବିନା ବାଛ ବିଚାରରେ ସମସ୍ତଙ୍କ ଘରୁ ଭିକ୍ଷା ଗ୍ରହଣ କରୁଥିଲେ। ନାରୀଜାତି ପ୍ରତି ତାଙ୍କର ଥିଲା ଯଥେଷ୍ଟ ସମ୍ମାନ। ତାଙ୍କ ପାଇଁ ନାରୀମାନେ ପ୍ରକୃତି ରୂପିଣୀ, ପୁରୁଷ ପରମର ପ୍ରତୀକ। ଆତ୍ମା, ପରମାତ୍ମାର ଗୂଢ଼ରହସ୍ୟ ସେ ଉନ୍ମୋଚନରେ ଚେଷ୍ଟିତ ଥିଲେ। ଆତ୍ମା ସ୍ତ୍ରୀ କିମ୍ବା ପୁରୁଷ ନୁହେଁ - ଏହା ବେଦାନ୍ତର ସିଦ୍ଧାନ୍ତ। ଘଟର ପରିବର୍ତ୍ତନ ଘଟେ। ଆତ୍ମା ନୂତନ ଘଟରେ ପ୍ରବେଶ କରେ, ପୁରୁଷ ଅଥବା ନାରୀ, ସେଇ ଅନୁଯାୟୀ ଏହା ବିବେଚିତ। ଆତ୍ମାକୁ ଚିହ୍ନିଲେ, ପରଂବ୍ରହ୍ମଙ୍କ ସାନ୍ନିଧ ମିଳେ - ଏହା ସନ୍ଥଙ୍କର ମୁଖ୍ୟ ବାଣୀ। ଅରକ୍ଷିତ ପ୍ରତିମା ପୂଜାର ଘୋର ବିରୋଧୀ, ଷୋଡ଼ଶ ଶତାବ୍ଦୀର ପଞ୍ଚସଖା ସାଧକ ଥିଲେ ଦ୍ୱୈତବାଦର ପ୍ରଚାରକ, ସେହିପରି ବୌଦ୍ଧ ସହଜିଆ ସାଧକଙ୍କର ଶୂନ୍ୟବାଦ - ଏ ଦୁଇଟି ମତ ଅରକ୍ଷିତଙ୍କୁ ପ୍ରଭାବିତ କରିନଥିଲା। ସେ ଥିଲେ ଦ୍ୱୈତା ଦ୍ୱୈତ ମାର୍ଗୀ। ନାମ ସତ୍, ଜଗତ୍ ମିଥ୍ୟା - ଏହା ତାଙ୍କ ଚିନ୍ତନର ଅନ୍ୟତମ ବାଣୀ। ସର୍ବସ୍ୱ ତ୍ୟାଗୀ ଅରକ୍ଷିତ, ମୋକ୍ଷ ପାଇଁ ଏକନିଷ୍ଠ ନାମ ଭଜନରେ ରତଥିଲେ। ସେଇ କଥା ଲେଖିଛନ୍ତି ମହୀମଣ୍ଡଳ ଗୀତାରେ। "କାଷ୍ଠ ପାଷାଣ ପିତୁଳାକୁ / ଦେବତା ବୋଲି ପୂଜ ତାଙ୍କୁ / ସେ କେବେ ଗତି ମୁକ୍ତି ଦେବ / ଏହା ନ ଜାଣେ ମୂଢ଼ ଜୀବ।" ଅନ୍ୟତ୍ର ଲେଖିଛନ୍ତି "ସେ ନାମେ ବ୍ରହ୍ମାଣ୍ଡ ଘୋଟିଛି / ସେହି ନାମକୁ ମୁଁ ଭାବୁଛି / ନାମ ଜଳ ସ୍ଥଳ ଅନଳ / କେହି ନପାନ୍ତି ତା'ର ଥଳ।" ନାମର ମହତ୍ତ୍ୱ ଅରକ୍ଷିତ ବୁଝିଥିଲେ, ତା' ସହିତ ଆପଣେଇଲେ ଭକ୍ତିଯୋଗ। କୈବଲ୍ୟ ହିଁ ସାତ୍ତ୍ୱିକଜ୍ଞାନ - ଏକଥାଟି ଶ୍ରୀମଦ୍‌ଭଗବତ୍ ମହାପୁରାଣ କହେ। ଏ ଜ୍ଞାନରେ ସଂଶୟ ଅଛି, ଅହଂକାରବି। ଏଇଥିପାଇଁ ସନ୍ଥ ଅରକ୍ଷିତ ଭକ୍ତି ମାର୍ଗକୁ ଆଣିଛନ୍ତି। "ଭକତି ଯୋଗ ତୁ ସାଧିଲେ / ଯୁଗଯୁଗାନ୍ତ ଥିବୁ ଭଲେ / ଅଜର ଅମର ତୁ ହେବୁ / ଯେତେ ତୁ ଏ ଯୋଗ ସାଧିବୁ।" ଏଇ ପ୍ରସଙ୍ଗଟି ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱାଶ୍ରୟୀ। ପଞ୍ଚସଖାଙ୍କ ସାଧନା ମାର୍ଗ ଅନୁରୂପ। ଅରକ୍ଷିତ ଏଇ ପନ୍ଥୀ। ଗୋଟେ କଥାରେ କହିଲେ ଅବଧୂତ, ଶ୍ରୀ ଶ୍ରୀ ବ୍ରହ୍ମ ଅରକ୍ଷିତ।

ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେମନ୍ତ ମିଳଇ। ଅବଧୂତଙ୍କର ଏଇଟି ଜୀବନ ଦର୍ଶନ। ଅରକ୍ଷିତ ବି ସବୁ ପ୍ରକାର ଖାଦ୍ୟକୁ ପ୍ରସାଦ ମଣୁଥିଲେ, ଗ୍ରହଣ କରୁଥିଲେ। ସୃଷ୍ଟି ତ ଆମିଷରୁ। ଏଣୁ ତାଙ୍କର ବିକାର ନଥିଲା। ଏକଥାକୁ ସେ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କଲେ, "ରଜ ବୀର୍ଯ୍ୟ ଆମିଷ ଜାଣ / ତହିଁରୁ ସକଳ ଭିଆଣ / ଜଳସ୍ଥଳ ପୃଥ୍ୱୀ ଆକାଶ/ ଆମିଷ ମଧ୍ୟେ ସବୁ ଲିପ୍ତ / ଏ ସବୁ ଆମିଷ ହୋଇଛି / ତାକୁ ସର୍ବେ ଖାଇଅଛି / ଅଗ୍ନିଟି ଖାଉଛି ସମସ୍ତ / ତାହାର ଶରୀର ଆମିଷ।" ସର୍ବଧର୍ମ ସମନ୍ୱୟବାଦୀ ଅରକ୍ଷିତ, ଏହା ତାଙ୍କର ଶ୍ରେଷ୍ଠ ତତ୍ତ୍ୱାଦର୍ଶ, ଏଥି ପାଇଁ ସବୁ ସମ୍ପ୍ରଦାୟର ଶ୍ରଦ୍ଧାଳୁ ତାଙ୍କ ପ୍ରତି ଅନୁରକ୍ତ ଥିଲେ।

ବାକ୍‌ସିଦ୍ଧ ଅରକ୍ଷିତ ଦାସ। ତାଙ୍କ ଆଦେଶ ମାତ୍ରେ ଦୁରାରୋଗ୍ୟ ବ୍ୟାଧିରୁ ଉପଶମ ମିଳେ - ଏକଥାଟି ଏବେବି ଲୋକମୁଖରେ ପ୍ରଚଳିତ। ତାଙ୍କର ଅଲୌକିକ ମହିମା। ଏକଥାକୁ ଏକଦା ପରୀକ୍ଷା କଲେ ଜଣେ ମୁସଲମାନ ଜମିଦାର, ମିର୍ଜା ଇସ୍‌ମାଇଲ୍ ବେଗ୍, ତାଙ୍କ ଘର ଅକରପଡ଼ା। ଏକଦା ଅରକ୍ଷିତଙ୍କୁ ଘରକୁ ଡାକିଲେ, ମାଂସର ବ୍ୟଞ୍ଜନ ପରଶିଲେ। ମାତ୍ର ଅରକ୍ଷିତଙ୍କ ସ୍ପର୍ଶ ମାତ୍ରେ ପାଲଟିଲା ଶ୍ରୀକ୍ଷେତ୍ର ଅବଢ଼ା, ଡାଲି, କ୍ଷୀରି, ବେଶର। ଅରକ୍ଷିତ ତୃପ୍ତିରେ ଭୋଜନ କଲେ, ସନ୍ଥଙ୍କର ଏଇଟି ଥିଲା ଚମତ୍କାରିତା। ସେହିଦିନୁ ଇସମାଇଲ୍ ବେଗ୍ ସପରିବାର ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ। ଏଇଟି ଗୋଟେ କିମ୍ବଦନ୍ତୀର କଥା। ଅରକ୍ଷିତ ଗୁରୁ ପରମ୍ପରାରେ ବିଶ୍ୱାସୀ, ମାତ୍ର ଶିଷ୍ୟ ଗ୍ରହଣ କରିବା ତାଙ୍କ ନୀତି ବିରୁଦ୍ଧ। ସେ ଜୀବଦ୍ଦଶାରେ ଶିଷ୍ୟଙ୍କୁ ଦୀକ୍ଷା ଦେଇନଥିଲେ। ତାଙ୍କର ପରମ ସେବକ ମଧୁଦାସ, ଶତଚେଷ୍ଟା କରି ତାଙ୍କୁ ଗୁରୁ କରି ପାରିନଥିଲେ। ଅରକ୍ଷିତଙ୍କ ସମାଧୀ ପ୍ରାପ୍ତିପରେ ତାହା ସମ୍ଭବ ହେଲା। ମଧୁଦାସ କଠୋର ସାଧନା କଲେ। ଗୁରୁ ବିହୁନେ ଆତ୍ମବିସର୍ଜନ କରିବାକୁ ଉଦ୍ୟତ ହେଲେ। ଗହଳିଆ ଅନ୍ଧାର ଓଳାଶୁଣି ଚାରିପଟେ, ହିଂସ୍ରଜନ୍ତୁଙ୍କ ବିକଟ ଚିତ୍କାର, ମଧୁ ପାହାଡ଼ ଉପରୁ ଲମ୍ଫ ପ୍ରଦାନ କଲେ। ସ୍ୱୟଂ ଅରକ୍ଷିତଙ୍କ ଆବିର୍ଭାବ ହେଲା, ତୋଳି ଧରିଲେ ମଧୁଙ୍କୁ ଶ୍ରଦ୍ଧାରେ। ଏକଥା ଲେଖିଛନ୍ତି ମଧୁଦାସ, "ଗୁମ୍ଫାରୁ ବାହାରି ଆସିଲେ / ଶ୍ରୀକରେ ମୋ କର ଧରିଲେ / ମୁଁ ପୁଣି ଚମକି ଉଠିଲି / ଲେଉଟି ଅନାଇଣ ଦେଲି। ଦେଖିଲେ ଯେଉଁ ରୂପଜ୍ୟୋତି / କୋଟି ବ୍ରହ୍ମାଣ୍ଡ କରେ ପତି / ତ୍ରାହି ଶ୍ରୀଗୁରୁ କହିଲି / ପାଦରେ ମୁଣ୍ଡ ଲଗାଇଲି।" ଏ ପ୍ରସଙ୍ଗଟି ମଧୁଦାସ ଉଲ୍ଲେଖ କରିଛନ୍ତି ଭୂମଣ୍ଡଳ ଗୀତାରେ।

ଅରକ୍ଷିତଙ୍କ ଧ୍ୱନି 'ଓଁକାର ଧ୍ୱନି'। ପ୍ରତିଟି ଜୀବ ସ୍ୱୟଂ ବ୍ରହ୍ମ ଅଟେ, ସେ ଛପନ କୋଟି ଜୀବ ବିଷୟ ଜାଣି ପାରେ। ଅରକ୍ଷିତ ଏଥିରେ ବିଶ୍ୱାସୀ। ତେଣୁ ତାଙ୍କର କେହି ଗୁରୁ ନଥିଲେ, କାହା ଠାରୁ ସେ କର୍ଣ୍ଣମନ୍ତ୍ର ଗ୍ରହଣ କରିନଥିଲେ। ନିଷ୍କାମ ଭକ୍ତିଯୋଗକୁ ଆଶ୍ରା କରିଥିଲେ। ଅରକ୍ଷିତଙ୍କ ପାଇଁ ପୂତପବିତ୍ର ଓଳାଶୁଣୀ ପୀଠ, ବ୍ରହ୍ମବାଦୀ ମଧୁସୂଦନଙ୍କ ମହିମା ଅବର୍ଣ୍ଣନୀୟ। ପୀଠର ଖଣ୍ଡେ ଦୂରରେ ପଞ୍ଚୁପାଣ୍ଡବ, ଗୁରୁ ଦ୍ରୋଣାଚାର୍ଯ୍ୟ, କୁନ୍ତୀ, ଦ୍ରୌପଦୀଙ୍କ ସ୍ମୃତି, ଓଳକଣା ପ୍ରସିଦ୍ଧ ମେଳଣ ପଡ଼ିଆ, ସେଠାରେ ଭକ୍ତ ବିଦୁର, ଉଦ୍ଧବଙ୍କ ଗାଦୀ, ସ୍ୱୟଂ ଶ୍ରୀକୃଷ୍ଣ, ବଳରାମ ସେ କ୍ଷେତ୍ରକୁ ଆସିଥିଲେ। ଅରକ୍ଷିତ ମଧ୍ୟ ଉଦ୍ଧବପୀଠ ଓଳକଣାରେ ଯୋଗ ସାଧିଥିଲେ। ଓଳାଶୁଣୀରୁ ଓଳକଣା ଯାଏ ସୁଡ଼ଙ୍ଗଟିଏ ଅଛି। ଏକଥାଟି ଏବେବି ଲୋକେ କହନ୍ତି। ଆଚାରଣ ଉଚ୍ଚାରଣରେ ଶୁଦ୍ଧତା, ସର୍ବଧର୍ମ ସମନ୍ୱୟବାଦୀ ଧର୍ମୀୟଚେତନା ଅରକ୍ଷିତଙ୍କର ଅନନ୍ୟ ନିପୁଣତା। ତେଣୁ ସେ ବନ୍ଦନୀୟ। ମାଘଶୁକ୍ଳ ଏକାଦଶୀ, ସନ୍ଥଙ୍କର ମହାସମାଧୀ ଉତ୍ସବ। ଏଦିନ ଶହଶହ ସାଧୁସନ୍ଥଙ୍କ ମିଳନ ପେଣ୍ଠ ପାଲଟିଛି। ବାସ୍ତବିକ ଅରକ୍ଷିତଙ୍କ ଲୀଳା ଅସାଧାରଣ।

ଓଳାଶୁଣୀ ପାହାଡ଼ର ମୁଖ୍ୟ ଆକର୍ଷଣ ଅରକ୍ଷିତ ସମାଧୀ ମନ୍ଦିର। ଏଥି ସହ ଆଉ କେତେଜଣ ମହନ୍ତଙ୍କ ବି ସମାଧୀ ରହିଛି। ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ମଧ୍ୟ ଅଛି। ମହାପୁରୁଷଙ୍କୁ ମୁଖ୍ୟତଃ ଅନ୍ନପ୍ରସାଦ ଲାଗି ହୁଏ। କିନ୍ତୁ ପୋଡ଼ପିଠା, ଶୁଖୁଆ ତାଙ୍କର ପ୍ରିୟ ପ୍ରସାଦ। ଅନ୍ୟ ଦେବଦେବୀଙ୍କ ନିକଟରେ ବାଲ୍ୟଭୋଗ, ଅନ୍ନ ପ୍ରସାଦ ଲାଗିହୁଏ। କାଞ୍ଜିପାଣି ପୀଠର ଏକ ନିଆରା ଆକର୍ଷଣ, ମହାପ୍ରଭୁ ଶ୍ରୀଜଗନ୍ନାଥ ଟଙ୍କ ତୋରାଣି ଟୋପେ ପାଇଁ ଭକ୍ତ ବାଇୟା। ସେହିପରି ଓଳାଶୁଣିର କାଞ୍ଜିପାଣି। ଏହାର ଅନୁପମ ଦ୍ରବ୍ୟଗୁଣ। ନାନାଦି ପେଟରୋଗର ଏହା ଅବ୍ୟର୍ଥ ମହୌଷଧି। ଗୁମ୍ଫା ଏକାଦଶୀରେ ମୁଖ୍ୟତଃ ପୋଡ଼ପିଠା ଶୁଖୁଆ ଭୋଗ ସନ୍ଥଙ୍କୁ ମୁଖ୍ୟ ନୈବେଦ୍ୟ ଲାଗି ହୁଏ।

ମାଘକୃଷ୍ଣ ଏକାଦଶୀ, ଉଛୁଳୁଛି ଓଳାଶୁଣି ପୀଠ। ଶହଶହ ଦୋକାନୀ ପସରା ମେଲିଛନ୍ତି। କୋଟିକୋଟି ଟଙ୍କାର କାରବାର। ହରେକ୍‌ମାଲ୍, ମୀନାବଜାର ନିକଟରେ ଭିଡ଼। ପିଲେ ଚକ୍ରୀଦୋଳିର ମଜା ନେଉଛନ୍ତି। ନାମୀଦାମୀ ଯାତ୍ରାପାର୍ଟି, ରାତି ସାରା ଚମକଉଛି ଯାତ୍ରା ନାଟକ, ରେକର୍ଡ଼ ଡ୍ୟାନ୍‌ସ, ଭିଲେନଙ୍କର ଡାଇଲଗ୍, ହାସ୍ୟ ଅଭିନେତାଙ୍କ ଅଙ୍ଗଭଙ୍ଗୀ, ରାତି ସରୁଛି, ଜାଣି ହେଉନି। କେତେ କେତେ ଡାକବାଜିର ଚିତ୍କାର। ମଥୁରା କେକ୍, ବିରିଆନି, କେନ୍ଦ୍ରାପଡ଼ା ରସାବଳୀର ଜୋର୍‌ଦାର୍ ପ୍ରଚାର, ମନୋହରୀ ଦୋକାନରେ ଢେର ଭିଡ଼, ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନୀ, କାଠ ଖଟ ମାଠ, ପଥରର ନାନାଦି ଚିଜ, ଢେର ଢେର ସାମଗ୍ରୀର କିଣାବିକା। ଗୋଟେ ପ୍ରକାର ଖୁସିର ମାହୋଲ। ମେଳାଟି ଓଡ଼ିଶା ପ୍ରସିଦ୍ଧ। ଏହା ସର୍ବଜନ ସ୍ୱୀକୃତ।

# ଲୋକକବି ନାଟ୍ୟାଚାର୍ଯ୍ୟ - ବାଳକୃଷ୍ଣ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ବିଶ୍ୱ, ସମୟର ଖେଳ ବିଚିତ୍ର । ବିଶ୍ୱ ନିୟନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଚଳ, ନିଶ୍ଚଳ,ଉଡା, ବୁଡା ସମସ୍ତେ କାଳର କରାଳ ଗତିରେ ଧାବମାନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ । ଉଡା, ବୁଡା, ଚଳ, ନିଶ୍ଚଳ ସମସ୍ତଙ୍କ ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ, ଭିନ୍ନ ପରିମାପ କରିବା ପାଇଁ ରଖିଛି ବିରାଟ କମ୍ପ୍ୟୁଟର ଅନନ୍ତ ଆକାଶ । ଅନିତ୍ୟ, ଅସାର, କ୍ଷଣଭଙ୍ଗୁର ମୋହ ମାୟା ସଂସାର ରେ କିଏ କେତେ ଆଲୋକିତ ମହକିତ ଉଲ୍ଲସିତ କରେ ଧରାପୃଷ୍ଠ । କାହାର ପାଦ ଚିହ୍ନ ରହିଯାଏ ମାଟି, ପାଣି ଓ ଶିଳା ବକ୍ଷରେ । କେତେଜଣଙ୍କ ପାଦଚିହ୍ନ ଶିଳା ବକ୍ଷରେ ରହେ, ସେମାନଙ୍କୁ ଜଗତ ଝୁରେ ।

ଦେଶ ପରାଧିନତା ଶୃଙ୍ଖଳରେ ଆବଦ୍ଧ, ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ ଲୋକ କବି, ନାଟ୍ୟକାର ବାଳକୃଷ୍ଣ ମହାନ୍ତି ୧୯୦୦ ମସିହା ଫେବୃୟାରୀ ମାସ ୪ ତାରିଖ ଭୈମୀ ଏକାଦଶୀ ତିଥିରେ ଜଗତସିଂହପୁରର ପଳାଶୋଳ ଗ୍ରାମରେ ପିତା ଦିବାକର ମହାନ୍ତି ମାତା ଲାବଣ୍ୟବତୀଙ୍କ କୋଳମଣ୍ଡନ କରିଥିଲେ । ପିଲା ବେଳୁ ସେ ସାହସ ଓ ଧୈର୍ଯ୍ୟର ପ୍ରତୀକ ଥିଲେ । ପିଲା ସମୟରେ ତାଙ୍କର ଜାତକର ନାମ ରଖାଯାଇଥିଲା ଦୋଳଗୋବିନ୍ଦ । ସେ ଆନୁଷ୍ଠାନିକ ଭାବେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ । ସେ ୧୭ ବର୍ଷ ବୟଷରେ ୧୨ ବର୍ଷର କନ୍ୟା ନିଶାମଣିଙ୍କୁ ବିବାହ କରିଥିଲେ । ତୁଳସି ଦୁଇ ପତ୍ରରୁ ବାସିଲା ପରି ତାଙ୍କର କଳାକାର ପ୍ରତିଭା ବାରି ହୋଇ ପଡୁଥିଲା । ପିଲାବେଳୁ ବାଳକୃଷ୍ଣ ପଳାଶୋଳ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା, ସୁଆଙ୍ଗ, ଯାତ୍ରା, ପାଲା ଆଦିକୁ ଲକ୍ଷ୍ୟ କରି ଯାତ୍ରା ମନସ୍କ ହୋଇଥିଲେ । କଳା ଜଗତରେ ଏକ ନୂତନ ସାମାଜିକ ଆଦର୍ଶ ସୃଷ୍ଟି ପାଇଁ ନାଟକର ପରିବର୍ତ୍ତନ କଲେ ଯାତ୍ରା ପ୍ରେମୀ ଅଧିକ ଆକୃଷ୍ଟ ହେବେ । ଏହି ଲକ୍ଷ୍ୟ ନେଇ ବାଳକୃଷ୍ଣ ୧୯୨୦ ମସିହାରେ ଶ୍ରୀ ଦୁର୍ଗା ଯାତ୍ରା ଦଳ ଗଠନ କରିଥିଲେ, ପରେ ପରେ ତାଙ୍କ ଚେଷ୍ଟାରେ ଜୟଦୁର୍ଗା ନାଟ୍ୟ ମଣ୍ଡଳୀ ପୂର୍ଣ୍ଣାଙ୍ଗ ରୂପେ ଆତ୍ମ ପ୍ରକାଶ କଲା । ପୌରାଣିକ ନାଟକ ପ୍ରାଧାନ୍ୟ ସମୟରେ ସେ ପ୍ରଥମେ ସାମାଜିକ କାଳ୍ପନିକ ନାଟକ "ବିଜୟ ବସନ୍ତ" ରଚନା କରି ଓଡିଆ ନାଟ୍ୟ ସାହିତ୍ୟରେ ଚହଳ ସୃଷ୍ଟି କରିଥିଲେ । ଅଭିନୀତ ନାଟକ "ବିଜୟ ବସନ୍ତ" ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା ।

ବାଳକୃଷ୍ଣଙ୍କ ସାହିତ୍ୟରେ ବୀର, ହାସ୍ୟ, ବାତ୍ସଲ୍ୟ, କରୁଣ ଓ ଶୃଙ୍ଗାର ଆଦି ରସର ପଟ୍ଟାନ୍ତର ନାହିଁ । ତାଙ୍କ ସାହିତ୍ୟ ହେଲା ପୌରାଣିକ, ଐତିହାସିକ, ସାମାଜିକ ଓ କାଳ୍ପନିକ । ତାଙ୍କ ନାଟକ ଓ ଗୀତିନାଟ୍ୟ ମଧ୍ୟରେ ସର୍ବାଧିକ ହେଉଛି ପୌରାଣିକ । ସେ ୬୦ ରୁ ଊର୍ଦ୍ଧ୍ୱ ନାଟକ ରଚନା କରିଥିଲେ । ଏତଦ୍ ଭିନ୍ନ ସେ ଅନେକ ଭଜନ, ଜଣାଣ, ସଙ୍ଗୀତ ଲୀଳା ଓ ଫାର୍ଶ ଆଦିର ରଚୟିତା । ତାଙ୍କ ପୌରାଣିକ ନାଟକ ଗୁଡିକ ମଧ୍ୟରେ ଘଟୋତ୍କଚ, କଂସ ବଧ, ଅଭିମନ୍ୟୁ ବିବାହ, ଜୟଦ୍ରଥ, ସୀତା ବନବାସ, ସାବିତ୍ରୀ ଉପାଖ୍ୟାନ, ବାଣା ପରାଜୟ, ରୁକ୍ମିଣୀ ପରିଣୟ, ପ୍ରହ୍ଲାଦ ଚରିତ, ଦାନବୀର ରାଜା ହରିଚନ୍ଦ୍ର, ଶକୁନ୍ତଳା, ମଥୁରା ବିଜୟ, ବୀରବାହୁ ଯୁଦ୍ଧ, ଖାଣ୍ଡବ ଦହନ ଓ ଶ୍ରୀରାମ ବନଗମନ। ସେହିପରି ଐତିହାସିକ କିମ୍ବଦନ୍ତୀ ଆଧାରରେ କେଦାରଗୌରୀ, କାଞ୍ଚି କାବେରୀ, ଇରାନର ରାଣୀ, ଶ୍ରୀଜଗନ୍ନାଥ, ଲଳିତା ବିଦ୍ୟାପିତ, ଚଣ୍ଡୀଦାସ, ନବାବ, ଜୟଦେବ, ଅନେକ ନାଟକ ରଚନା କରିଥିଲେ। ସେ ରଚନା କରିଥିବା ସାମାଜିକ ଓ କାଳ୍ପନିକ ନାଟକ ଗୁଡିକ ହେଲା କାନବାଳା, ସୁଶୀଳ ମାଳତୀ, ଅରିଧ୍ୱଂସ, କୁମୁଦ କେଦାର, ସମସ୍ୟା, ଅମର ବିଳାସ, ମୋହନ ସୁନ୍ଦର, ସଇତାନ, ସୁନ୍ଦର ଲୋଭା, ଗୁପ୍ତମନ୍ତ୍ର, ବିଜୟବସନ୍ତ, ବିଜୟ ବୈଜୟନ୍ତୀ ପରି ଅନେକ ନାଟକ, ଲୋକ କଥା ଓ ଲୋକ କାହାଣୀକୁ ନେଇ ତାଙ୍କର ରଚନା ହେଉଛି- ନିର୍ମଳପ୍ରଭା, ଚତୁରୀ ଚମ୍ପାଫୁଲ, ମୋହନ ସୁନ୍ଦର ପ୍ରଭୃତି ଅନେକ ।

ବାଳକୃଷ୍ଣ ମହାନ୍ତି ତାଙ୍କ ଗୀତିନାଟ୍ୟରେ ଉଚ୍ଚମାନର ଗଦ୍ୟସଂଳାପ ଭରିଦେଇ ଜନମାନସର ଦୃଷ୍ଟି ଆକର୍ଷଣ କରିଛନ୍ତି ତାଙ୍କର ଲେଖନୀ ଚାଳନା ତାଙ୍କୁ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗଠକ ଓ ମଞ୍ଚ ପରିଚାଳକ ଭାବରେ ଗଢି ତୋଳିଥିଲା । ତାଙ୍କ ରଚନା ଶୈଳୀ ନିଜସ୍ୱ ଓ ବହୁ ପ୍ରଚଳିତ ଢଗଢମାଳି, ରୁଢି ପଦ, ଇଂରାଜୀ ଶବ୍ଦାବଳୀ, ସରଳ ଗାଉଁଲି ଭାଷାର ପ୍ରୟୋଗ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ତାଙ୍କ ସଙ୍ଗୀତରେ ସେ ଯମକ, ଅନୁପ୍ରାସ, ଉପମା ଆଦି ଅଳଙ୍କାର ମଧ୍ୟ ବ୍ୟବହାର କରିଛନ୍ତି । କଳା ସହିତ ତାଙ୍କର ସାମାଜିକ ସେବାର ପଟ୍ଟାନ୍ତର ନାହିଁ ।

ଯାତ୍ରାଜଗତର ମହାନାୟକ, ବହୁ ମୁଖୀ ସାହିତ୍ୟ ପ୍ରତିଭାର ଅଧିକାରୀ ନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କର ୧୯୫୮ ମହିସା ମାର୍ଚ୍ଚ ମାସ ୩୦ ତାରିଖରେ କର୍ମମୟ ଜୀବନର ଅବସାନ ଘଟିଲା। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ । ଜୀବନର ପରପାରିକୁ ଯାଇଥିଲେ ମଧ୍ୟ ସେ ଆମ ଭିତରେ ଅମର ହୋଇ ରହିବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
# ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୦୯ ଫେବୃୟାରୀ,ରବିବାର, ୨୦୨୫





## ଦଣ୍ଡାସି କୁଳ ମହାସଂଘର ଶତବାର୍ଷିକ ଉତ୍ସବ : ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ଗଞ୍ଜାମ ଜିଲ୍ଲା



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ଦଣ୍ଡାସି କୁଳ ମହାସଂଘର ଶତବାର୍ଷିକ ଉତ୍ସବ ତାରିଣୀ ନାୟକଙ୍କ ସଭାପତିତ୍ୱରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ଏଲଇଡ଼ି ମାଧ୍ୟମରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସୂଚୀ ପ୍ରକାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ, ସଂଗୀତ ପରିବେଷଣ, ଅତିଥିମାନଙ୍କ ପରିଚୟ ପ୍ରଦାନ, ଗଞ୍ଜାମ ଜିଲ୍ଲା ଦଣ୍ଡାସି କୁଳ ମହାସଂଘର ସମ୍ପାଦକ ଅଭିରାମ ନାୟକଙ୍କ ଦ୍ୱାରା ବିବରଣୀ ପଠନ, ମଞ୍ଚାସୀନ ବ୍ୟକ୍ତିମାନଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ସହିତ ମୁଖ୍ୟ ଅତିଥି ଶ୍ରୀ ବିଧାୟକଙ୍କ ଦ୍ୱାରା ମହାସଙ୍ଘର ରେଜିଷ୍ଟ୍ରେସନ ଅନୁମତି ପତ୍ରକୁ ଉନ୍ମୋଚନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି (ମୁଖ୍ୟ ଅତିଥି), ଅରୁଣ କୁମାର ପଣ୍ଡା (ବିଜେପି କାର୍ଯ୍ୟ କାରିଣୀ ସଦସ୍ୟ), ପିଙ୍କି ବେହେରା (ବ୍ଲକ ଅଧ୍ୟକ୍ଷା), ବିଜୟ କୁମାର (ଉଚ୍ଚ ନ୍ୟାୟାଳୟର ଆଇନଜୀବୀ), ରଞ୍ଜିତ କୁମାର ବେହେରା (ଜିଲ୍ଲା ପରିଷଦ), ନୀଳାଞ୍ଚଳ ପଲେଇ (ଓଡ଼ିଶା କାଳିଙ୍ଗୀ ସମାଜ ଓ ସରକାରୀ ବରିଷ୍ଠ ଓକିଲ), ସନ୍ତୋଷ କୁମାର ମହାପାତ୍ର(ଓବିସି ମୋର୍ଚ୍ଚାର ରାଜ୍ୟ ବିଜେପି କୋଷାଧ୍ୟକ୍ଷ), ଜଗତ ବନ୍ଧୁ ପଣ୍ଡା (ସମାଜସେବୀ), ନିର୍ମଳ କୁମାର ସାହୁ (ସମାଜସେବୀ), ପ୍ରଭାକର ରାଉଳ (ସମାଜସେବୀ), ଶୁକଦେବ ନାୟକ (ଅଧ୍ୟକ୍ଷ ଗଞ୍ଜାମ ଜିଲ୍ଲା ଦଣ୍ଡାସି କୁଳ ମହାସଙ୍ଘ), ଭୀମସେନ ବେହେରା (ଦଳିତ ଗଞ୍ଜାମ ଜିଲ୍ଲା ସଂଘର ସଭାପତି) ପ୍ରମୁଖ ମଞ୍ଚାସୀନ ରହିଥିଲେ । ଉପସ୍ଥିତ ଦଣ୍ଡାସି କୁଳବାସୀଙ୍କୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ତାରାତାରିଣୀ ମନ୍ଦିର ପାର୍ଶ୍ୱରେ ମହାସଂଘ ବୈଠକରେ ଉପସ୍ଥିତ ରହି ଆର୍ଯ୍ୟ ଓ ଦ୍ରାବିଡ଼ ମଧ୍ୟରେ ପାର୍ଥକ୍ୟ, ଶତବାର୍ଷିକ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ କଠିନ ପରିଶ୍ରମ ଅଧବ୍ୟସାୟ ଦୂରଦୃଷ୍ଟି ଫଳରେ ଆଜି ମହାସଂଘ ରାଜ୍ୟ ସରକାରଙ୍କ ଠାରୁ ରେଜିଷ୍ଟ୍ରି ଭୁକ୍ତ ହୋଇଥିବା ପତ୍ରକୁ ଉନ୍ମୋଚନ କରିଥିଲେ । ତତ୍‌ସହିତ ଉପରୋକ୍ତ ଜାତି ବିଭେଦ ବା ବାଦବିବାଦରୁ ଦୂରେଇ ରହି ଏକତାରେ ବାନ୍ଧି ହେବାକୁ ପରାମର୍ଶ ଦେଇଥିଲେ । ଡ. ଆମ୍ବେଦକର ହିନ୍ଦୁ ଧର୍ମକୁ ଛାଡ଼ି ବୌଦ୍ଧ ଧର୍ମ ଗ୍ରହଣ କରିଥିବା ନେଇ ଏକ ଟିପ୍ସ୍ ଦେଇଥିଲେ । ଶେଷରେ ସ୍ୱଜାତିର କୁନାକୁନି କଳାକାରଙ୍କୁ ନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଜାତିର ଗୌରବ ଯେପରି ଆଗକୁ ବଢ଼ିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ବିଭିନ୍ନ ବକ୍ତା ମନ୍ତବ୍ୟ ପ୍ରଦାନ କରିଥିଲେ ।

## ମହିଳାଙ୍କୁ ନିର୍ଯାତନା ନେଇ ଥାନାରେ ଅଭିଯୋଗ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ମହିଳାଙ୍କୁ ଶାରିରିକ ମାନସିକ ନିର୍ଯାତନା ସହ ଯୌତୁକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଟିକରପଡା ଗ୍ରାମର ତୁଳାବତୀ ଖିଲ ଗତ ୧୨ ବର୍ଷ ତଳେ କୁମୁଦ ଖିଲକୁ ବିବାହ କରିଥିଲେ । ଏମାନଙ୍କର ୨ଟି ସନ୍ତାନ ରହଛି । ଯୌତୁକ ପାଇଁ ସ୍ୱାମୀଙ୍କ ଭାଇ ଓ ତାଙ୍କ ସ୍ତ୍ରୀ ମିଶି ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ତୁଳାବତୀ ଖିଲ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ସନ୍ଧ୍ୟା ୫ଟାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## କ୍ଲଷ୍ଟର୍ ସ୍ତରୀୟ ନିପୁଣ ମେଳା ୨୦୨୪ ଉଦ୍‌ଯାପିତ



**କେନ୍ଦୁଝର, ନ୍ୟୁଜ୍**

ସଦର ବ୍ଲକ ଅନ୍ତର୍ଗତ ବୋଦାପଳସା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ନିପୁଣ ମେଳା ୨୦୨୪ ବୋଦାପଳସା ଗ୍ରାମପଞ୍ଚାୟତ ଅଧିନସ୍ଥ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗଦୀଶ ଚନ୍ଦ୍ର ନାୟକ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ ଚନ୍ଦ୍ର ଦାସ ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ରହି ନିପୁଣ ଓଡ଼ିଶାର ଲକ୍ଷ୍ୟ ଉଦ୍ଦେଶ୍ୟ ଶିଶୁ ଅଭିଭାବକ ଆଭିଭାବିକା ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଜଣାଇବା ସହ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଜଗନ୍ନାଥ ସିଂହ ଓ ଜିଲ୍ଲା ଶିକ୍ଷା ଶିକ୍ଷକ ଅନୁଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଗଳ୍ପ ମାଧ୍ୟମରେ ଶିଶୁ ମାନକ ଠାରେ ଏକାଗ୍ରତା ଓ ନିଷ୍ଠା ରହିବା ନିହାତି ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଥିସହିତ ପିତା ମାତାଙ୍କର ଶିଶୁ ପ୍ରତି ଥିବା ଭୂମିକା ବିଷୟରେ ପ୍ରକାଶ କରିବା ସହ ଶିଶୁମାନଙ୍କୁ ନିୟମିତ ବିଦ୍ୟାଳୟ କୁ ଆସିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ଶିଶୁମାନଙ୍କୁ ପାଠ୍ୟ ଉପକରଣ ମାନ ବିତରଣ କରାଯାଇଥିଲା । ନେଲୁଙ୍ଗ ଓ ବୋଦାପଳସା ପଞ୍ଚାୟତ ଅଧିନସ୍ଥ ତେରଟି ବିଦ୍ୟାଳୟରୁ ମୋଟ ୧୭୫ ଜଣ ଶିଶୁ ୩୫ ଜଣ ଏଫ୍‌ଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଶତାଧିକ ଅଭିଭାବକ ଅଭିଭାବିକା ଉପସ୍ଥିତ ରହି ମେଳାକୁ ସଫଳ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମହାନ୍ତ ସଭା ପରିଚାଳନା କରିଥିଲେ । ଏହି ମେଳାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ତଥା ସୃଜନଶୀଳର ମୋଟ ୧୭ଟି ଷ୍ଟଲ୍‌ରେ ଶିଶୁମାନେ ନିଜର ପ୍ରୋଜେକ୍ଟ ସ୍ଥାନିତ କରିଥିଲେ । ସର୍ବଶେଷରେ ସମସ୍ତେ ସେଲ୍ଫି ଷ୍ଟଲରେ ନିଜର ସେଲ୍‌ଫି ନେବା ସହ ନିଜର ମତ ଲେଖି ଆଜି ର ମେଳାରେ ଆନନ୍ଦିତ ହୋଇଥିଲେ । ଶିକ୍ଷକ ତପନ ମିଶ୍ର, ପ୍ରଦୀପ ମିଶ୍ର, ଜଗବନ୍ଧୁ ଜେନା, ରାଜେନ୍ଦ୍ର ରାୟ, ଅର୍ଜୁନ ସିଂହ ଖୁଣ୍ଟିଆ,ସମୀର ଜେନା,ଅନନ୍ତ ମୁଣ୍ଡା ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରିୟଦର୍ଶନୀ ମହାନ୍ତ, ଅନ୍ନପୂର୍ଣ୍ଣା ମହାନ୍ତି, ପ୍ରଜ୍ଞା ବାରିକ,କଷ୍ଟୁରିବଳ ମହାନ୍ତ,ପୁଷ୍ପାଞ୍ଜଳି ମହାନ୍ତ,ରଶ୍ମିରେଖା କର, ମଧୁସ୍ମିତା ପଣ୍ଡା, ଶୁଭସ୍ମିତ ଷଡ଼ଙ୍ଗୀ, ଅଳିଭ ମହାନ୍ତ, ସଂଗୀତା ମହାପାତ୍ର, ମଧୁସ୍ମିତା, ଗୀତାଞ୍ଜଳି ମହାନ୍ତ, ଶୁଭଶ୍ରୀ ବେହେରା, ଭାନୁପ୍ରିୟା ମହାନ୍ତ, ଇନ୍ଦିରା ପ୍ରିୟଦର୍ଶନୀ ନାୟକ, ଶୁଭଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବଶେଷରେ ସାଧନ କେନ୍ଦ୍ର ସଂଯୋଜକ ସୌଭାଗ୍ୟ ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

## ଓଡ଼ିଶା ସାମ୍ବାଦିକ ସଂଘ ବୌଦ୍ଧ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ
## ଦିବ୍ୟ ରଞ୍ଜନ ପଟ୍ଟନାୟକ ସଭାପତି, ସତ୍ୟଜିତ୍ କୁମାର ପଣ୍ଡା ସଂପାଦକ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ବୌଦ୍ଧର କାର୍ଯ୍ୟାଳୟ ଠାରେ ଓଡ଼ିଶା ସାମ୍ବାଦିକ ସଂଘ ବୌଦ୍ଧ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଙ୍ଗଠନିକ କାର୍ଯ୍ୟାବଳୀ ଓ ସାମ୍ବାଦିକ ସୁରକ୍ଷା ସମ୍ପର୍କିତ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ନୂତନ ସଭାପତି ଭାବରେ ଦିବ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ଜୟ କୁମାର ମହାରଣାଙ୍କୁ ଉପ ସଭାପତି ଓ ସତ୍ୟଜିତ କୁମାର ପଣ୍ଡାଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସେହିପରି ଯୁଗ୍ମ ସମ୍ପାଦକ ଭାବେ ସୁଶାନ୍ତ କୁମାର ବେହେରା ଓ କୋଷାଧ୍ୟକ୍ଷ ଭାବେ ଦୀପକ କୁମାର ଅଦର ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅବଦୁଲ ମହସିନ ଖାନ, ଚିତ୍ତ ରଞ୍ଜନ ସିଂ ଓ ରଞ୍ଜନ କୁମାର ପାତ୍ର ରହିଥିବା ବେଳେ ଉପଦେଷ୍ଟା ଭାବରେ ଦିବ୍ୟ ଶଙ୍କର ରାଉତ ଓ ଯୁଗଳ କିଶୋର ସାମଲ ମନୋନୀତ ହୋଇଛନ୍ତି । ଶେଷରେ ସତ୍ୟ ନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସଦସ୍ୟମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କେନ୍ଦୁଝରଗଡ଼ରେ ମାତୃ ସମ୍ମିଳନୀ




**କେନ୍ଦୁଝର, ନ୍ୟୁଜ୍**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ଠାରେ ସରସ୍ୱତୀ ପୂଜା ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡଃ ଶୁଭସ୍ମିତା ଦାଶ ଯୋଗ ଦେଇ ସମାଜରେ ମାଆର ଭୂମିକା ବିଷୟରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ଯୁଗ୍ମ ସଂପାଦକ ଦୀପକ କୁମାର ମହାକୁଳ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ଯୋଗ ଦେଇ ମାଆମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ ସମ୍ମିଳନୀରେ ୪୫୦ଜଣରୁ ଉର୍ଦ୍ଧ୍ୱ ମାଆ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା' ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଚୌଦ୍ୱାର ବାଳିକାବିଦ୍ୟାଳୟର ବାର୍ଷିକୋତ୍ସବ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ ଓ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ୩୪ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟିତ୍ରୀ ରେବତୀ ଦାସ, ଅବସରପ୍ରାପ୍ତ ଅଡିଟର କାହ୍ନୁ ଚରଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ସାମନ୍ତରାୟ, ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାତା ସ୍ୱର୍ଗତ ଶତ୍ରୁଘ୍ନ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟତ୍ରୀ ସ୍ୱର୍ଗତ କନ୍ୟା କୁମାରୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରର୍ଥନା କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । ଶିକ୍ଷୟିତ୍ରୀ ମୃଣାଳିନୀ ତ୍ରିପାଠୀ, ନିଗାର ସୁଲତାନା, ପ୍ରବୀର କୁମାର ପାଣି, ବିଜୟ କୁମାର ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଆଲୁମିନି ସଭାପତି ଭକ୍ତିମୟୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ମାସର ୧ମ ଜନଶୁଣାଣି
## ୧୩୯ ଅଭିଯୋଗ ଆଗତ, ୧୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**



ପ୍ରତି ମାସପରି ଚଳିତ ଫେବୃୟାରୀ ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୩୯ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୧୧୩ ଟି ବ୍ୟକ୍ତିଗତ, ୨୦ଟି ସାମୂହିକ, ସି.ଏମ୍.ଆର.ଏଫ୍. ସମ୍ବନ୍ଧୀୟ ୨ଟି ଏବଂ ରେଡ଼କ୍ରସ୍ ସମ୍ବନ୍ଧୀୟ ୪ଟି ଅଭିଯୋଗ ଥିଲା । ୩୮ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୪ ଜଣ ଆବେଦନ-କାରୀଙ୍କୁ ସମୁଦାୟ ୧୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ଜନାଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ । ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତନ୍ମୟ କମାର ଜେନା ଅଭିଯୋଗ ଉପସ୍ଥାପନା କାର୍ଯ୍ୟ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ତପସ୍ୱିନୀ ପରିବାରର ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ନାରୀ ଶକ୍ତିର ଜାଗରଣ ପାଇଁ ଗଠନ ହୋଇଥିବା ତପସ୍ୱିନୀ ପରିବାରର ପ୍ରତିଷ୍ଠା ଦିବସ ସମାରୋହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ଶିକ୍ଷୟିତ୍ରୀ ନମ୍ରତା ସାହୁ, ଏ.ଏନ.ଏମ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଜ୍ଞା ପରିମିତା ରଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରାଣୀ ଚିକିତ୍ସକ ଡ. ସଂଘମିତ୍ରା ପ୍ରାମାଣିକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମାରୋହରେ ଜିଲ୍ଲା ସଂଯୋଜିକା ଗୀତାରାଣୀ ରାୟଚୌଧୁରୀ ଅଧ୍ୟକ୍ଷତା କରିଥିବାବେଳେ ସର୍ବବ୍ୟବସ୍ଥା ପ୍ରମୁଖ ରଶ୍ମିତା ହୋତା ସଂଯୋଜନା କରିଥିଲେ । ସହ ସଂଯୋଜିକା ସରିତା ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ପ୍ରଣତି ପଣ୍ଡା । ସଦସ୍ୟା ପୁଷ୍ପାଳି ସାହୁ ବ୍ୟକ୍ତିଗତ ଗୀତ ଗାନ କରିଥିବାବେଳେ ସାମୁହିକ ଗୀତ ଆଶାରାଣୀ ମହାନ୍ତି, ସନ୍ତୋଷିନୀ ନାୟକ, ସୁନିତା ସାହୁ ପ୍ରମୁଖ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତପସ୍ୱିନୀ ପରିବାରର ସମସ୍ତ ସଦସ୍ୟା ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଚୌଦ୍ୱାର କଲେଜରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ସିଏସ୍‌ଆଇଆର ଅନୁକୂଲ୍ୟରେ ତଥା ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ନବୀନ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଔଷଧୀୟ ବୃକ୍ଷକୁ ଚିହ୍ନି ତା'ର ତଥ୍ୟ ସଂଗ୍ରହ, ସଂରକ୍ଷଣ ଏବଂ ଏହାର ପଞ୍ଜିକରଣ କରାଯାଇପାରିବ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବର୍ଜ୍ୟବସ୍ତୁ ପରିଚାଳନା ଓ କୃଷି ଦ୍ୱାରା ନିଜର ତଥା ପରିବାରର ଭରଣ ପୋଷଣ ସହିତ ରାଜ୍ୟ ତଥା ଦେଶର ଅର୍ଥିକ ଉନ୍ନତି ପାଇଁ ପ୍ରୟାସ ସମ୍ପର୍କରେ ଡ. ମନିଷ କୁମାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ.କ୍ରିଷ୍ଣା କାବେରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବିଭାଗୀୟ ମୁଖ୍ୟ ଡ.ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଡେମନ୍ଷ୍ଟ୍ରେଟର ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ, ବିଜୟ କୁମାର ସେଠୀ, ଲହରୀ ଲୋପାମୁଦ୍ରା ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଲେଜର ଅଧ୍ୟାପନା ମଣ୍ଡଳୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଶୀତକାଳୀନ ଶିବିର

**ବାଲେଶ୍ୱର ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ୍‌ର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ, ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଜାନୁଆରୀ ୨୭ତାରିଖ ଠାରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଏକ ସ୍ୱତନ୍ତ୍ର ଶୀତ-କାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪୭ ଜଣ ଛାତ୍ରଛାତ୍ରୀ ଓ ଜଣେ ପ୍ରାକ୍ତନ ଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ଦଳଗତ କାର୍ଯ୍ୟକଳାପମାନ କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସକୁ ସ୍ୱଚ୍ଛ କରିବା, ଆନ୍ତର୍ଜାତିକ ଉନ୍ନରୁମ ଉତ୍ସବରେ ସେବାଦାନ, ଅତିଥି ସତ୍କାର, ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକର ସୁପରିଚାଳନା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ଆଦିକୁ ସାତଦିନ ପର୍ଯ୍ୟନ୍ତ ସୂଚାରୁ ଭାବେ ସମ୍ପାଦନ କରିବାରେ ଛାତ୍ରଛାତ୍ରୀମାନେ ସକ୍ଷମ ହୋଇପାରିଥିଲେ ।

ଉଦ୍‌ଯାପନୀ ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ଶିବିରର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସାହଜନକ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଏଥିସହ ଜାତୀୟ ସେବା ଯୋଜନାର ମହତ୍ତ୍ୱ ସହ ଉତ୍ସର୍ଗୀକୃତ ସେବାର ପ୍ରକୃତ ଅର୍ଥ ବୁଝାଇ କହିଥିଲେ ଓ ଅଂଶଗ୍ରହଣକାରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ମେଡାଲ ପ୍ରଦାନ କରିଥିଲେ ।

ଏଥିସହିତ ଡକ୍ଟର ମିନତୀ ମିଶ୍ର ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ସଂପର୍କିତ ପରାମର୍ଶ ପ୍ରଦାନ କରିଥିଲେ । ଏହି ଶିବିରରେ ଏନଏସଏସ ପ୍ରୋଗ୍ରାମ ଅଫିସର ଡକ୍ଟର ପ୍ରତିମା ପ୍ରଧାନ ଶିବିର ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏନଏସଏସ ବ୍ୟୁରୋର ସଂଯୋଜକ ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ପ୍ରୋଗ୍ରାମ ଅଫିସର ଡକ୍ଟର ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା ।



## ବସ୍‌ଷ୍ଟାଣ୍ଡରୁ ଫେରିବା ବେଳେ ଯାତ୍ରୀଙ୍କୁ ଲୁଟ୍ :୩ ଅଭିଯୁକ୍ତ ଗିରଫ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ଫୁଲବାଣୀ ବସ୍‌ଷ୍ଟାଣ୍ଡରୁ ବିଳମ୍ବିତ ରାତିରେ ଘରକୁ ଫେରିବା ବେଳକୁ ଖଣ୍ଡା, ଲୁହାଛଡ଼ ଏବଂ ଠେଙ୍ଗାରେ ଆକ୍ରମଣ କରି ଲୁଟିଥିବା ଅଭିଯୁକ୍ତ ମାନଙ୍କୁ ଫୁଲବାଣୀ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ଫୁଲବାଣୀ ପେଞ୍ଜିସାହି ଅଞ୍ଚଳର କରନ ମୁଖି(୨୭), ହୀରେନ୍ ବେହେରା (୨୧)ଏବଂ ଅନ୍ୟ ଜଣେ ୧୭ ବର୍ଷର ନାବାଳକ ବୋଲି ପୁଲିସ୍ ସୂତ୍ରରୁ ଜଣାପଡିଛି । ସୂଚନା ଅନୁଯାୟୀ ଫୁଲବାଣୀ ଶିକ୍ଷ ତାଲିମ କେନ୍ଦ୍ର ରେ ତାଲିମ୍ ନେଉଥିବା କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଅଞ୍ଚଳର ବେନଗୁଡ଼ା ଗ୍ରାମର ସନ୍ଦୀପ କୁମାର ପ୍ରଧାନ ତାଙ୍କର ଜଣେ ବନ୍ଧୁ ଓମପ୍ରକାଶ ବେହେରାଙ୍କ ସହ ଗତ ୩ ତାରିଖରେ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଫୁଲବାଣୀ ବସ୍‌ଷ୍ଟାଣ୍ଡରୁ ବାହାରି ଫେରୁଥିବା ବେଳେ ତିନିଜଣ ଦୁର୍ବୃତ୍ତ ସେମାନଙ୍କୁ ଖଣ୍ଡା, ଲୁହାଛଡ଼ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ଗୋଟିଏ ମେଢାରେ ତାଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ୨ହଜାର ଟଙ୍କା ଲୁଟି ନେଇଥିବା ନେଇ ସନ୍ଦୀପ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ଟାଉନ୍ ଥାନା ଅଧିକାରୀ ପି. ସ୍ୱରୁପ କିସାନ ଏକ ମାମଲା ୪୭/୨୦୨୫ ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦେଇଛନ୍ତି । ତେବେ ପଚରାଉଚରା ବେଳେ ଅଭିଯୁକ୍ତମାନେ ଏହି ଲୁଟ୍ କରିଥିବା ନେଇ ସ୍ୱୀକାର କରିଥିବା ସହ ସେମାନଙ୍କ ଠାରୁ ପୋଲିସ ଏକଡ୍ଡ ଖଣ୍ଡା, ଏକ ଲୁହାଛଡ଼ ଏକ କାଠ ମେଢା ସମେତ ନଗଦ ୧୩ ଶହ ଟଙ୍କା ଜବତ କରିଥିବା ନେଇ ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ମାମଲାର ତଦନ୍ତ ଏସ୍ ଆଇ ସରୋଜ କୁମାର ସାହୁ କରୁଛନ୍ତି ।

## ଧାମନଗର ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**




ଧାମନଗର ମହାବିଦ୍ୟାଳୟ ପରିସରରେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷର ସ୍ନାତକ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଦିନ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷଅଜୟ କୁମାର ବେଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥ୍ୟ ଭାବେ ପ୍ରାଧ୍ୟାପକ ଡ. ସମୀର କୁମାର ହୁଇ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ରାୟ, ସମ୍ମାନିତ ଅତିଥ୍ୟ ଭାବେ ସଞ୍ଜୟ କୁମାର ପଣ୍ଡା ଓ ଅଧ୍ୟାପିକା ସ୍ମରଣୀକା ପ୍ରଧାନ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ନିର୍ଭିକ ଓ ସାହସୀ ହେବାକୁ ପରାମର୍ଶ ଦେବା ସହ ପ୍ରତିକୂଳ ପରିସ୍ଥିତିରେ ଏହି କୌଶଳ ଜରିଆରେ ନିଜକୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଡ. ହୁଇ ଏହି ତାଲିମ ଶିବିରର ସଠିକ ବିନିଯୋଗ କରି ନିଜର ଶାରୀରିକ ତଥା ବୌଦ୍ଧିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତାଲିମ୍ ପ୍ରଶିକ୍ଷିକା ଲୋପାମୁଦ୍ରା ରାଉତ ଓ ବବିତା ବେହେରା ଛାତ୍ରୀଙ୍କୁ ନୂଆ ନୂଆ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦେବା ସହିତ ବିଭିନ୍ନ ସୋପାନ ଅବଲମ୍ବନ କରି କିପରି ଆତ୍ମ ରକ୍ଷା କରିପାରିବ ସେ ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପିକା ବାସ୍ତବିକା ଦାସ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ଅତିଥ୍ୟ ପରିଚୟ, ଏହି କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା କଲ୍ୟାଣୀ ଦାଶ ସ୍ୱାଗତ ସମ୍ଭାଷଣ ଓ ସରକାରଙ୍କ ଦ୍ୱାରା ଏହି ଅନୁଷ୍ଠିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଶିବିର ଆଠ ଦିନ ଧରି ମୋଟ ୧୧୪ ଜଣ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ପ୍ରାଧ୍ୟାପକ ସନ୍ଦୀପ କୁମାର ଘୋଷ, ବୈରୀଗଞ୍ଜନ ଦାଶ, ଶୁଶ୍ରୀ ସଂଗୀତା ନାୟକ, ଆଶୀର୍ବାଦ ମହାନ୍ତି, ଡ. ସାଜିଆ ତମକୀନ୍, ଡ. ଦେବାଶିଷ ମଲ୍ଲିକ ଓ ଡ. ହରିପ୍ରିୟା ସେଠୀ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ-ଆଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ସଦସ୍ୟା ଅଧ୍ୟାପିକା ଶ୍ୱେତା ସାମିନି ଧନ୍ୟବାଦ ଅର୍ପଣ କରିଥିଲେ ।

## ରବି ଫସଲ ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ରବି ଫସଲ ନିମନ୍ତେ ଯୋଜନା ପ୍ରଣୟନ ଓ ତାହାକୁ ସୁଫଳ କରିବା ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ଅରବିନ୍ଦ ଦାସ, ଉଦ୍ୟାନ କୃଷି ବିଭାଗ ସହକର୍ମୀ ନିର୍ଦ୍ଦେଶକ ଦେବଦାସ ଦତ, ଏଲ୍‌ଡିଏମ୍ ଏଡିଏସ୍‌ସି ଏବଂ ଜଳସଂପଦ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ନୂତନ ରୂପେ କାର୍ଯ୍ୟକାରୀ ହେଉଥିବା କୃଷକ ପଞ୍ଜିକରଣ ଯୋଜନା ସମ୍ବନ୍ଧରେ ବିଶେଷ ଭାବେ ଆଲୋକପାତ କରିଥିଲେ । ରବି ଋତୁରେ ବ୍ୟାପକ ଭାବେ ଧାନ ପରବର୍ତ୍ତୀ ପଡିଆ ଜମିରେ ମୁଗ, ବିରି ଚାଷ ତୈଳ ବୀଜ ଫସଲ ଏବଂ ଆଖୁଚାଷ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଜିଲ୍ଲାର ଚାଷୀମାନେ କେମିତିଆ ବିଭିନ୍ନ ଯୋଜନାରେ ଉପକୃତ ହେଇପାରିବେ ଏବଂ ରବି ଫସଲ କରି ଉପକୃତ ହୋଇପାରିବେ ସେ ସଂପର୍କରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।



# ଆଜି ଭାରତ-ଇଂଲଣ୍ଡ ଦିନକିଆ, ବାରବାଟୀରେ କୋହଲିଙ୍କ ସହ ପ୍ରାକ୍ଟିସ କରୁଛନ୍ତି ଅନ୍ୟ ଖେଳାଳି

**କଟକ, ନ୍ୟୁଜ୍ ବ୍ୟୁରୋ**

ସୁପର ସଣ୍ଡେରେ ସୁପର ମୁକାବିଲା । ଆରମ୍ଭ ହୋଇଗଲାଣି କାଉଣ୍ଟଡାଉନ । ରବିବାର ଖେଳାଯିବ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ । ମ୍ୟାଚ ପୂର୍ବରୁ ବାରବାଟୀରେ ଟିମ୍ ଇଣ୍ଡିଆର ଅଭ୍ୟାସ ଚାଲିଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ପ୍ରାକ୍ଟିସ କରୁଛନ୍ତି ଭାରତୀୟ ଟିମ୍ । ରାତି ୮ଟା ଯାଏ ଅଭ୍ୟାସ ଚାଲିଥିଲା । ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଷ୍ଟାଡିୟମରେ ଫ୍ୟାନ୍ସଙ୍କ ଖଚାଖଚ ଭିଡ ଲାଗିଛି ।

ସେପଟେ ଖେଳପ୍ରେମୀଙ୍କ ପାଇଁ ଅଛି ଖୁସି ଖବର । ମ୍ୟାଚ ଖେଳିପାରନ୍ତି ବିରାଟ କୋହଲି । ସେ ଫିଟ୍ ଅଛନ୍ତି ଓ ଅଭ୍ୟାସ କରୁଥିବା ନେଇ ସୂଚନା ଆସିଛି । ପ୍ଲେଇଙ୍ଗ-୧୧ ନେଇ ନିଷ୍ପତ୍ତି ନେବେ କୋଚ୍ ଓ କ୍ୟାପଟେନ । ଏ ସଂପର୍କରେ ପ୍ରେସମିଟ୍ କରି ସୂଚନା ଦେଇଛି ଟିମ୍ ଇଣ୍ଡିଆ ।

ଖେଳାଳିମାନେ ଭୁବନେଶ୍ୱର ମେ ଫେୟାରରେ ରହୁଥିବାରୁ ଅଭ୍ୟାସ ଓ ରବିବାର ମ୍ୟାଚ ପାଇଁ ପରିବହନ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି ଓସିଏ । ଓସିଏ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସ୍ ସହ ଇନୋଭା ଗାଡି କମିଶନରେଟ୍ ପୋଲିସକୁ ହସ୍ତାନ୍ତର କରାଯାଇଛି । ଷ୍ଟାଡିୟମରେ ଖେଳାଳିଙ୍କ ଅଭ୍ୟାସ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଦର୍ଶକଙ୍କ ଅଧିକ ଭିଡକୁ ନଜରରେ ରଖି ଷ୍ଟାଡିୟମର ଗ୍ୟାଲେରି ନଂ-୫ରେ ବ୍ୟବସ୍ଥା କରାଯାଇଛି । ଏଥର ଷ୍ଟାଡିୟମକୁ ପାଣି ବୋତଲ ଓ ଫିଙ୍ଗିବା ଭଳି କୌଣସି ସାମଗ୍ରୀ ଉପରେ କଟକଣା ରହିଛି । ସେପଟେ ରବିବାର ମ୍ୟାଚ ପାଇଁ ପୋଲିସ ପକ୍ଷରୁ ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ।



# ଫ୍ରି ଷ୍ଟାଇଲ ଚେସ ଗ୍ରାଣ୍ଡସ୍ଲାମ୍: ଗୁକେଶଙ୍କ ତିନି ଡ୍ର



**ନୂଆଦିଲ୍ଲୀ**

ବିଶ୍ୱ ଚାମ୍ପିଅନ ଡି.ଗୁକେଶ ଚେସ୍‌ର ନୂଆ ଫର୍ମାଟ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଚମକପଦ ପ୍ରଦର୍ଶନ ଦେଖାଇବାରେ ବିଫଳ ରହିଛନ୍ତି । ପ୍ରଥମ ଚାରୋଟି ପର୍ଯ୍ୟାୟରେ ସେ ତିନି ଡ୍ର ଖେଳିଥିବା ବେଳେ ଗୋଟିଏ ମ୍ୟାଚ ହରାଇବାକୁ ପଡ଼ିଛି । ଫ୍ରାନ୍ସର ଅଲିରେଜାଙ୍କଠାରୁ ସେ ପରାଜିତ ହୋଇଛନ୍ତି ।

ଗ୍ରୁପ ଷ୍ଟେଜରେ ଏବେ ୫ଟି ପର୍ଯ୍ୟାୟ ରହିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ଗୁକେଶଙ୍କୁ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷ ୮ରେ ସ୍ଥାନରେ ରହିବାକୁ ପଡ଼ିବ । ଶୀର୍ଷ ୮ ଖେଳାଳିଙ୍କ ମଧ୍ୟରେ ରହିବାକୁ ହେଲେ ଗୁକେଶଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ । ଫ୍ୟାବିୟାନୋ କାରୁଆନା ଏବଂ ସିନ୍ଦାରୋଭ ୩.୫-୩.୫ ଅଙ୍କ ସହ ଶୀର୍ଷରେ ଅଛନ୍ତି ବିଶ୍ୱର ଏକ ନମ୍ବର ଖେଳାଳି ମାଗନସ କାର୍ଲସନ । ଦୁଇଟି ବିଜୟ ଏବଂ ଦୁଇଟି ପରାଜୟ ଦେଖିଛନ୍ତି ।

ଚେସ୍‌ର ଏହି ନୂଆ ଫର୍ମାଟକୁ ଜର୍ମାନୀର ଉଦ୍ୟୋଗୀ ଜନ ହେନରିକ ବ୍ୟୁଟଲର ଆରମ୍ଭ କରିଛନ୍ତି । ଏହି ଫର୍ମାଟରେ ଗୋଟିଗୁଡ଼ିକୁ ସ୍ଥାୟୀ ପରିବର୍ତ୍ତେ ଭିନ୍ନ ଭିନ୍ନ ପୋଜିସନରେ ରଖାଯାଇଥାଏ । ପୂର୍ବତନ ବିଶ୍ୱ ଚେସ ଚାମ୍ପିଅନ ବବି ଫିଶରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ୯୬୦ ଚେସ୍‌କୁ ଫ୍ରି ଷ୍ଟାଇଲ ନାଁରେ ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଉଦ୍ୟମ କରାଯାଉଛି । ଏଥିରେ ଗୋଟିଗୁଡ଼ିକ ପ୍ରାରମ୍ଭିକ ସ୍ଥିତିକୁ ବଦଳା ଯାଇଥାଏ । ପ୍ରତିଯୋଗିତାରେ ମୋଟ ୧୦ ଜଣ ଖେଳାଳି ସର୍ବପ୍ରଥମେ ରାଉଣ୍ଡ ରବିନ ଆଧାରରେ ରାପିଡ ଫର୍ମାଟରେ ମୁକାବିଲା ଖେଳିବେ । ଏହାପରେ ଶୀର୍ଷ ୮ ଖେଳାଳି ପ୍ଲେ ଅଫ୍‌ରେ ପ୍ରବେଶ କରିବେ । ସେଠାରୁ ବେଷ୍ଟ ଅଫ ଟୁ ଆଧାରରେ କ୍ଲାସିକଲ ଫର୍ମାଟରେ ମୁକାବିଲା ଖେଳାଯିବ ।

ଫେବ୍ରୁଆରୀ ୭-୮ ରାଉଣ୍ଡ ରବିନ ଷ୍ଟେଜ୍, ଫେବ୍ରୁଆରୀ ୯-୧୦ କ୍ୱାର୍ଟର ଫାଇନାଲ୍, ଫେବ୍ରୁଆରୀ ୧୧-୧୨ରେ ସେମିଫାଇନାଲ ଏବଂ ପ୍ଲେ ଅଫ ଫେବ୍ରୁଆରୀ ୧୩-୧୪ରେ ଫାଇନାଲ ମୁକାବିଲା ଖେଳାଯିବ । ପ୍ରତିଯୋଗିତାରେ ମୋଟ ୬ ଲକ୍ଷ ୬୦ ହଜାର ଡଲାର ପୁରସ୍କାର ଦିଆଯିବ । ଏଥିରୁ ବିଜେତା ଖେଳାଳିଙ୍କୁ ମୋଟ ୨ ଲକ୍ଷ ଡଲାର ଅର୍ଥାତ ୧ କୋଟି ୬୦ ଲକ୍ଷ ଟଙ୍କା ମିଳିବ ।

# ଜାତୀୟ କ୍ରୀଡ଼ାରେ ପୁରୁଷ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଲେ ଅନିମେଶ କୁଜୁର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ କ୍ରୀଡ଼ାରେ ଚାଲିଥିବା ଆଥଲେଟିକ୍ସ ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଓଡ଼ିଶାର ଉଦୀୟମାନ ତାରକା ଅନିମେଶ କୁଜୁର ୧୦.୨୮ ସେକେଣ୍ଡରେ ପୁରୁଷ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଦିନ ୧୦ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ ମହାରାଷ୍ଟ୍ର ଆଣ୍ଡ ସର୍ଭିସେସ ୨ଟି ଲେଖାଏଁ ପଦକ ଜିତିଥିବା ବେଳେ ଓଡ଼ିଶା, ହିମାଚଳ ପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଓ ତାମିଲନାଡୁ ଗୋଟିଏ ଲେଖାଏଁ ପଦକ ଜିତିଛନ୍ତି ।

୧୦.୨୭ ସେକେଣ୍ଡର ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ରଖୁଥିବା ୨୧ ବର୍ଷୀୟ କୁଜୁର ୨୦୨୨ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତି ଆସାମର ଅମ୍ଲାନ ବୋରଗୋହେନଙ୍କ ଦ୍ୱାରା ସ୍ଥାପିତ ୧୦.୨୮ ସେକେଣ୍ଡର କ୍ରୀଡ଼ା ରେକର୍ଡର ସମକକ୍ଷ ହୋଇଥିଲେ । କୁଜୁର ୨୦୨୪ରେ ଉଭୟ ଫେଡେରେସନ କପ ଏବଂ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନସିପରେ ୧୦୦ ମିଟର ରୌପ୍ୟ ପଦକ ଜିତିଛନ୍ତି । ମହାରାଷ୍ଟ୍ରର ପ୍ରଣବ ଗୁରବ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିବା ବେଳେ ବୋର୍ଗୋହେନ ୧୦.୪୩ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଥିଲେ । ଜାତୀୟ ରେକର୍ଡଧାରୀ ସର୍ଭିସେସର ମଣିକାନ୍ତ ହୋବଲିଧର ୧୦.୪୬ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ । ୨୦୨୩ରେ ତାଙ୍କର ଜାତୀୟ ରେକର୍ଡ ୧୦.୨୩ ସେକେଣ୍ଡ ରହିଛି ।

ଗତବର୍ଷ ଫେଡେରେସନ କପ ଓ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନସିପରେ ଟାଇଟଲ ଜିତିଥିବା ଦେଶର ଶ୍ରେଷ୍ଠ ୧୦୦ ମିଟର ଦୌଡ଼କୁଦ ମଧ୍ୟରୁ ଅନ୍ୟତମ । ଗୁରିନ୍ଦରବୀର ସିଂହ ୧୦.୯୬ ସେକେଣ୍ଡରୁ କମ ସମୟ ସହ ହିଟ ନମ୍ବର-୨ରେ ତୃତୀୟ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ । ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୨୭ ସେକେଣ୍ଡ ରହିଛି ।



ମହାରାଷ୍ଟ୍ରର ସୁଦେଶନା ଶିବଙ୍କର ମହିଳା ୧୦୦ ମିଟର ଦୌଡ଼ରେ ୧୧.୭୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୧୧.୭୯) ଓ ତାମିଲନାଡୁର ଗିରିଧରଣୀ ରବିକୁମାର (୧୧.୮୮) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ । ହିମାଚଳ ପ୍ରଦେଶର ସାନ ବରାଲ ପୁରୁଷ ୧୦୦୦୦ ମିଟର ଫାଇନାଲରେ ୨୮:୪୯.୯୩ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ୨୦୨୨ ସଂସ୍କରଣରେ ଗୁଲବୀର ସିଂହଙ୍କ ଦ୍ୱାରା ସ୍ଥାପିତ ୨୮:୫୪.୨୯ ସେକେଣ୍ଡର ରେକର୍ଡ ସମୟକୁ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ ।

ମହାରାଷ୍ଟ୍ରର କିରଣ ମାହାତ୍ରେ (୨୯:୦୪.୭୬) ରୌପ୍ୟ ଓ ମଧ୍ୟପ୍ରଦେଶର ବିନୋଦ ସିଂହ (୨୯:୪୩.୬୦) କାଂସ୍ୟ ପଦକ ଜିତିଛନ୍ତି । ୨୦୨୩ ଏସିଆନ ହାଫ ମାରାଥନ ଦୌଡ଼ରେ ବରାଲ ବ୍ରୋଞ୍ଜ ପଦକ ଜିତିଥିଲେ । ସେ ଭାରତୀୟଙ୍କ ମଧ୍ୟରେ ୨୦୨୪ ଦିଲ୍ଲୀ ହାଫ ମାରାଥନ ଟାଇଟଲ ମଧ୍ୟ ଜିତିଥିଲେ । ମହିଳା ୧୦,୦୦୦ ମିଟର ଫାଇନାଲରେ ମହାରାଷ୍ଟ୍ରର ଅଭିଜ୍ଞ ସଞ୍ଜୀବନୀ ଯାଦବ ୩୩:୩୩.୪୭ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

ପ୍ୟାରିସ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିବା ଉତ୍ତରାଖଣ୍ଡର ଅଙ୍କିତା ଧ୍ୟାନି ୩୪:୩୧.୦୩ ସେକେଣ୍ଡ ଦୌଡ଼ି ରୌପ୍ୟ ପଦକ ଜିତିଥିଲେ । ଉତ୍ତରାଖଣ୍ଡର ଆଉ ଜଣେ ଆଥଲେଟ ସୋନିଆ ୩୫:୪୫.୧୯ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଛନ୍ତି ।

ମହିଳା ୧୫୦୦ ମିଟର ଫାଇନାଲରେ ଦିଲ୍ଲୀର ୨୦୨୨ ସଂସ୍କରଣ ଚାମ୍ପିୟନ କେଏମ ଚନ୍ଦା ଜାତୀୟ ରେକର୍ଡଧାରୀ ମଧ୍ୟପ୍ରଦେଶର କେଏମ ଦିକ୍ଷାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଚନ୍ଦା ୪ ମିନିଟ ୧୭.୭୪ ସେକେଣ୍ଡ ସମୟ ନେଇଥିବା ବେଳେ ଦିକ୍ଷା ୪ ମିନିଟ ୨୧.୯୨ ସେକେଣ୍ଡ ପଛରେ ରହିଥିଲେ । ପଞ୍ଜାବର ଅମନଦୀପ କୌର ୪:୨୨.୭୫ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ ।

ପୁରୁଷ ଡିସ୍କସ ଥ୍ରୋ ଇଭେଣ୍ଟରେ ସର୍ଭିସେସର ଗଗନଦୀପ ସିଂହ ୫୫.୦୧ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ହରିୟାଣାର ନିର୍ଭୟ ସିଂହ (୫୪.୦୭ ମିଟର) ରୌପ୍ୟ ପଦକ ଏବଂ କେରଳର ଆଲେକ୍ସ ପି ଥାନକାଚନ (୫୨.୭୯ ମିଟର)ଙ୍କୁ କାଂସ୍ୟ ପଦକ ମିଳିଥିଲା ।

# ୧୧ ତମ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଜରାସିଙ୍ଗା ଚାମ୍ପିୟନ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ୟୁଥ ଏଣ୍ଡ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ ତମ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଏହି ଖେଳ ରେ ନକଟାସରକୁ ହରାଇ ଜରାସିଂଗା ଦଳ ଚାମ୍ପିୟନ ହୋଇଛି । ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ଫାଇନାଲ ଖେଳ ରେ ନକଟାସାର ଓ ଜରାଶିଙ୍ଗା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଜରସିଙ୍ଗା ଦଳ ଓ ନକଟାସର ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇ ଥିବା ବେଳେ ଜରାସିଙ୍ଗା ୩/ ୨ ଗୋଲ ରେ ବିଜୟୀ ହୋଇ ଚାମ୍ପିୟାନ ହୋଇଛି । ଉଦଯାପନୀ ସମାରୋହରେ ୟୁଥ ଓ ସ୍ପୋର୍ଟ୍ସ କ୍ଲବର ସଭାପତି ପଦ୍ମ ଲୋଚନ ବାଗଙ୍କର ସଭାପତିତ୍ୱରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ , ମୁଖ୍ୟ ଅତିଥି ରୂପ ଉପସ୍ଥିତ ରହି ଥିବା ବେଳେ, ସମ୍ମାନନିୟ ଅଥିତି ଭାବରେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା, ଓଷ୍ଟା ସଂଘର ଜିଲ୍ଲା କାର୍ଯ୍ୟ କାରି ସଭାପତି ପ୍ରଦୀପ କୁମାର ପୁଟେଲ, ମଣ୍ଡଳ ସଭାପତି ରାମୁ କୁମ୍ଭାର, ପ୍ରଦୀପ ବଛା, ସୁବାସ ପୋଡ଼, ଭାଜପା ନେତା ନାରାୟଣ ସାହୁ, ସୁରେଶ କୁମାର ଭୋଇ, ରାଜୀବ କୁମାର ମହାନ୍ତି, ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରି ସଭାପତି ରାଜୀବ କୁଆଁର, ବିଧାୟକ କଂର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ବରିଷ୍ଠ କ୍ରୀଡାବିତ ରାମରଞ୍ଜନ ପାତ୍ର, ଲଖନା ସମିତି ସଭ୍ୟ ଭୀମସେନ ବାଗ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳ ଟ୍ରଫି ସହ ନଗଦ ୧୦ ହଜାର ଓ ଉପବିଜେତା ଦଳ କୁ ଟ୍ରଫି ସହ ନଗଦ ୭ ହଜାର ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଶାନ୍ତନୁ ଭୋଇ, ଶ୍ରେଷ୍ଠ ଗୋଲ କିପର ରୋହିତ ଭିତିରିଆ, ଶ୍ରେଷ୍ଠ ଡିଫେନ୍ସ ଡାକ୍ତର ଭାଟି, ପ୍ଲେୟାର ଅପ ଦ ମ୍ୟାଚ କରଣ ଦଣ୍ଡସେନା , ଏହାଶହ ବିଶିଷ୍ଟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ମ୍ୟାଚ ଶ୍ରୀବସ୍ତ ବେହେରା , ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ , ପରିଚାଳନା କରିଥିଲେ, ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ସଭାପତି ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର, ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାସୁ ଶେଖର ପୋଡ଼ ଯାଦବ, ପିଣ୍ଟୁ ଭୋଇ, ସେମନ୍ତ ବାଗ ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ, କେଦାର ବଡ଼ଜେନା, ଅଗସ୍ତି ବଘାର, ଜଦୁପତି ଅଗସ୍ତି ପ୍ରମୁଖ ସହ ଯୋଗ କରିଥିଲେ । ମୋହନ ବଗର୍ତୀ ପ୍ରଭୁଦାସ କୁମ୍ଭାର ଧାରବିବରଣି ପ୍ରଧାନ କରିଥିଲେ ।



# ମହାପ୍ରଭୁଙ୍କ ଦର୍ଶନ କଲେ ଭାରତୀୟ କ୍ରିକେଟର : ବାରବାଟୀ ମ୍ୟାଚ ପୂର୍ବରୁ ନେଲେ ଆଶୀର୍ବାଦ





**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରବିବାର ବାରବାଟୀରେ ଭାରତ-ଇଂଲଣ୍ଡ ଟକ୍କର ମୁକାବିଲା । ୨ ଦଳ ଭୁବନେଶ୍ୱରରେ ପହଞ୍ଚିସାରିଛନ୍ତି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳର ଅପରାହ୍ଣ ୫ଟାରେ ଅଭ୍ୟାସ ମ୍ୟାଚ ଖେଳିଥିଲା । ତେବେ ଇଂଲଣ୍ଡ ଟିମ ଅଭ୍ୟାସ କରିବାକୁ ଯାଇ ନାହିଁ ।

ଇଂଲଣ୍ଡ ଟିମର ଅପରାହ୍ଣ ୧ଟାରୁ ୪ ପର୍ଯ୍ୟନ୍ତ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଟିମ କଟକ ନଯାଇ ଭୁବନେଶ୍ୱର ଗଲ୍ଫ କ୍ଲବରେ ଗଲ୍ଫ ଖେଳିବେ । ତେବେ ମ୍ୟାଚ ପୂର୍ବରୁ ଟିମ ଇଣ୍ଡିଆର କିଛି ଖେଳାଳି ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଦର୍ଶନ କରିଥିବା ଖେଳାଳି ମାନେ ହେଲେ ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅଲରାଉଣ୍ଡର ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ସକାଳୁ ସକାଳୁ ସେମାନେ ମହାପ୍ରଭୁଙ୍କ ଆଶିଷ ନେବାକୁ ପହଞ୍ଚିଥିଲେ ।

ସୂଚନା ଥାଉକି, ଖେଳାଳିମାନେ ଭୁବନେଶ୍ୱର ମେଫେୟାରରେ ରହୁଥିବାରୁ ଅଭ୍ୟାସ ଓ ରବିବାର ମ୍ୟାଚ ପାଇଁ ପରିବହନ କରିବାକୁ ଓସିଏ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଓସିଏ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସ ସହ କିଛି ଇନୋଭା ଗାଡ଼ି କମିଶନରେଟ ପୋଲିସକୁ ହସ୍ତାନ୍ତର କରାଯାଇଛି । ଷ୍ଟାଡିୟମରେ ମଧ ଖେଳାଳିଙ୍କ ଅଭ୍ୟାସ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଉଭୟ ଦଳର ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପିଚ ନିର୍ମାଣ ହୋଇଥିବା ବେଳେ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଶନିବାର ଖେଳାଳିମାନଙ୍କ ଅଭ୍ୟାସ ଦେଖିବା ପାଇଁ ଦର୍ଶକମାନଙ୍କୁ ଷ୍ଟାଡିୟମରେ ଗ୍ୟାଲେରି ନଂ-୫କୁ ଯିବା ସୁବିଧା କରାଯାଇଛି । ଦର୍ଶକଙ୍କ ଭିଡ଼କୁ ଅନୁମାନ କରି ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମ୍ୟାଚ ପାଇଁ କମିଶନରେଟ ପୁଲିସ ପକ୍ଷରୁ ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ।



ଭୁବନେଶ୍ୱର : ଖଣ୍ଡଗିରି ପନ୍ତିକା ପରିସରରେ ଇଣ୍ଟରନ୍ୟାସନାଲ ଐର ଖାରବେଳ ମହୋତ୍ସବ-୨୦୨୫ ପାଳନ ଅବସରରେ ମୂର୍ଚ୍ଛନା ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ । (ଫଟୋ : ସମ୍ବାଦକଳିକା)

# ବିସିସିଆଇ ଖୋଜି ବାହାର କଲା ଚମତ୍କାର ଫର୍ମୁଲା, ଅଧିନାୟକ ପଦକୁ ଫେରିବେ ଏହି ଖେଳାଳି

**ନୂଆଦିଲ୍ଲୀ**

ଆଜିକାଲି ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ଖେଳୁଛି । ଏହି ସମୟରେ, ସାମ୍ନାକୁ ଆସିଛି ଗୋଟିଏ ରିପୋର୍ଟ । କାରଣ ଚର୍ଚ୍ଚା ହେଉଥିଲା ଟିମ ଇଣ୍ଡିଆର ଅଧିନାୟକତ୍ୱ ବିଷୟରେ ରିପୋର୍ଟରେ କୁହାଯାଇଛି ଯେ ରୋହିତ ଶର୍ମାଙ୍କ ପରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ତିନୋଟି ଫର୍ମାଟ ପାଇଁ ଭିନ୍ନ ଭିନ୍ନ ଅଧିନାୟକ ବାଛିବ । ଭିନ୍ନ ଅଧିନାୟକ ବାଛିବା ଦୃଷ୍ଟିରୁ, ବିରାଟ କୋହଲି ପୁଣି ଥରେ ଟିମ ଇଣ୍ଡିଆର ଅଧିନାୟକ ହୋଇପାରନ୍ତି । ଏହା ବ୍ୟତୀତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଦାୟିତ୍ୱ ମିଳିପାରେ ।

ଆପଣଙ୍କୁ କହି ରଖୁଛୁ ଯେ ବିସିସିଆଇ ପ୍ରାୟତଃ ତିନୋଟି ଫର୍ମାଟ ପାଇଁ ସମାନ ଅଧିନାୟକ ରଖିବାକୁ ନିଷ୍ପତ୍ତି ନେଇଛି । କିନ୍ତୁ ଏଥର ଭାରତୀୟ ବୋର୍ଡ ଏହାର ପାରମ୍ପରିକ ଢଙ୍ଗ ଅପେକ୍ଷା କିଛି ଭିନ୍ନ ଚିନ୍ତା କରୁଛି । ୨୦୨୪ ଟି-୨୦ ବିଶ୍ୱକପ ପରେ ରୋହିତ ଶର୍ମା ଏହି ଫର୍ମାଟରୁ ଅବସର ନେଇଥିଲେ । ଯାହା ପରେ ବିସିସିଆଇ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଆନ୍ତର୍ଜାତୀୟ ଦଳର ଅଧିନାୟକ ଭାବରେ ନିଯୁକ୍ତ କରିଥିଲା ।



ବିସିସିଆଇର ଏକ ସୂତ୍ର କହିଛନ୍ତି, ଭାରତ ଖୁବ ଶୀଘ୍ର ତିନୋଟି ଫର୍ମାଟ ପାଇଁ ତିନି ଜଣ ଅଧିନାୟକ ପାଇବ । ଅଧିନାୟକମାନେ କିପରି ପ୍ରଦର୍ଶନ କରନ୍ତି ତାହା ଦେଖିବା ବହୁତ ଆକର୍ଷଣୀୟ ହେବ ।

ବିରାଟ କୋହଲି: ରିପୋର୍ଟରେ କୁହାଯାଇଛି ଯେ ଟିମ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ବିରାଟ କୋହଲି ପୁଣି ଥରେ ଭାରତର ଟେଷ୍ଟ ଦଳର ଦାୟିତ୍ୱ ନିଅନ୍ତୁ । ଆଜିକାଲି କୋହଲି ତାଙ୍କ ଖରାପ ଫର୍ମ ନେଇ ଚର୍ଚ୍ଚାରେ ଅଛନ୍ତି । ତଥାପି, ଏବେ ଦେଖିବା ଆକର୍ଷଣୀୟ ହେବ ଯେ କୋହଲି ପୁଣି ଥରେ ଟିମ ଇଣ୍ଡିଆର ଦାୟିତ୍ୱ ନେଉଛନ୍ତି କି ନାହିଁ ।

ହାର୍ଦ୍ଦିକ ପାଣ୍ଡ୍ୟା: ରିପୋର୍ଟରେ କୁହାଯାଇଛି ଯେ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ହାର୍ଦ୍ଦିକ ପାଣ୍ଡ୍ୟା ଏକଦିବସୀୟ ଦଳର ଦାୟିତ୍ୱ ନିଅନ୍ତୁ । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଗୌତମ ଗମ୍ଭୀର ଚାହୁଁଥିଲେ ଯେ ହାର୍ଦ୍ଦିକଙ୍କୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଟିମ ଇଣ୍ଡିଆର ଉପ-ଅଧିନାୟକ କରାଯାଉ, କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଏବଂ ପ୍ରଶିକ୍ଷକ ରୋହିତ ଶର୍ମା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଟି-୨୦ ଆନ୍ତର୍ଜାତୀୟ: ସୂର୍ଯ୍ୟକୁମାର ଯାଦବ ଟି-୨୦ ଆନ୍ତର୍ଜାତୀୟରେ ଟିମ ଇଣ୍ଡିଆର ନେତୃତ୍ୱ ନେଉଛନ୍ତି । ସୂର୍ଯ୍ୟ ଅଧିନାୟକ ହେବା ପରଠାରୁ ଟିମ ଇଣ୍ଡିଆ ଗୋଟିଏ ବି ଟି-୨୦ ସିରିଜ ହାରିନାହିଁ । ଏପରି ପରିସ୍ଥିତିରେ, ଟି-୨୦ ଅଧିନାୟକ ଭାବରେ ସୂର୍ଯ୍ୟଙ୍କ ଜାରି ରହିବା ନିଶ୍ଚିତ ମନେ ହେଉଛି । ରିପୋର୍ଟରେ ଆହୁରି ମଧ୍ୟ ସୂତ୍ରକୁ ଉଦ୍ଧୃତ କରାଯାଇଛି ଯେ, ଏପରି ପରିବର୍ତ୍ତନ ସିଷ୍ଟମ ପାଇଁ ବହୁତ ନାଜୁକ ହୋଇପାରେ, କିନ୍ତୁ ବୋର୍ଡ ଏଥିପାଇଁ ପ୍ରସ୍ତୁତ ।

ଭୁବନେଶ୍ୱର
୦୯ ଫେବୃୟାରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭୈମୀ ଏକାଦଶୀ: ଜଗନ୍ନାଥଙ୍କ ମାମୁଁ ମାଧବାନନ୍ଦ ଜୀଉ ପୀଠରେ ଭକ୍ତଙ୍କ ଭିଡ଼

**ନିଆଳି, ୮/୨ ନ୍ୟୁଜ ବ୍ୟୁରୋ**

ଶନିବାର ହେଉଛି ପବିତ୍ର ଭୈମୀ ଏକାଦଶୀ । ଚଳଚଞ୍ଚଳ ହୋଇ ଉଠିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ ଘର କଟକ ଜିଲ୍ଲା ନିଆଳି ବ୍ଲକ ମାଧବ ଗ୍ରାମସ୍ଥିତ ମାଧବାନନ୍ଦ ଜୀଉଙ୍କ ପୀଠରେ। ଭୈମୀ ଏକାଦଶୀରେ ପ୍ରାଚୀ ନଦୀରେ ବୁଡ ପକାଇ ମାଧବାନନ୍ଦଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ନିଆଳିର ଆରାଧ୍ୟ ଦେବତା ମାଧବାନନ୍ଦଙ୍କ ପୀଠରେ ଭୈମୀ ଏକାଦଶୀ ଯାତ୍ରା ପ୍ରତିବର୍ଷ ପରି ଚଳିତ ବର୍ଷ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରତ୍ୟୁଷରୁ ମାଧବାନନ୍ଦଙ୍କ ନୀତିକାନ୍ତି ସହକାରେ ପୂଜା ଅର୍ଚ୍ଚନା କରାଯାଇଛି । ଭୈମୀ ଏକାଦଶୀ



ଦିନରେ ମାଧବାନନ୍ଦଙ୍କ ପାଖେ ଲାଗି ହୋଇଛି ପ୍ରମୁଖ ଭୋଗ ଚୁଡା, ଗୁଡ, ନଡିଆ ଏବଂ କଦଳୀ। ସକାଳ ସମୟରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରାଚୀ ନଦୀରେ ବୁଡ଼ ପକାଇବା ସହ ମାଧବାନନ୍ଦଙ୍କ ନିକଟରେ ଭୋଗ ଲଗାଇଛନ୍ତି । ପ୍ରାଚୀ ନଦୀରେ ବୁଡ଼ ପକାଇଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଯାହାକୁ ନେଇ ରାତ୍ର ୩ଟା ଠାରୁ ବୁଡ ପକାଇବା ସହିତ ମାଧବାନନ୍ଦଙ୍କ ଦର୍ଶନ କରିଛନ୍ତି ଭକ୍ତ । ମଧ୍ୟରାତ୍ରରେ ସୁନାବେଶ ପରେ ମହାଦୀପ ଉଠିବାର ବିଧି ରହିଛି । ମାଧବାନନ୍ଦ ଜୀଉ ପୀଠକୁ ଦୁର୍ଗା ମାଧବ ପୀଠ ବୋଲି ମଧ୍ୟ କୁହାଯାଏ ବୋଲି ସୂଚନା ମିଳିଛି।

# ଚୋରା ମଦ ଓ ଡ୍ରଗ୍ସ ବ୍ୟବସାୟ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ନୟାଗଡ, ୮/୨ ନ୍ୟୁଜ ବ୍ୟୁରୋ**

'ରାଜ୍ୟରେ ଚୋରା ମଦ ଓ ଡ୍ରଗ୍ସ ବ୍ୟବସାୟ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ ।' ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଥମ ବ୍ୟାଚ ଅବକାରୀ କନେଷ୍ଟବଳ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଏଭଳି କହିଛନ୍ତି ଆଇନ ମନ୍ତ୍ରୀ। ଏହି ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମ୍ମାନନୀୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଅବକାରୀ ଆୟୁକ୍ତ ନରସିଂହ ଭୋଳ ଏବଂ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି,'ରାଜ୍ୟରେ ଚୋରା ମଦ ଓ



ଡ୍ରଗ୍ସର ବ୍ୟବସାୟ ହେବ ନାହିଁ । ଏଥିପାଇଁ ଏନ୍‌ସିବି, ରାଜ୍ୟ ଅବକାରୀ ଏବଂ ପୋଲିସ ବିଭାଗର ମିଳିତ ଭାବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବିଭିନ୍ନ ଅଞ୍ଚଳରେ ୬ମାସ ମଧ୍ୟରେ ଅବକାରୀ ରେଡ୍ ଆରମ୍ଭ ହୋଇଛି। ବିଶେଷ କରି ପ୍ରତି ଜିଲ୍ଲାରେ ଅବକାରୀ ଏନ୍‌ଫୋର୍ସମେଣ୍ଟ ସ୍ୱତନ୍ତ୍ର ଭାବେ କାମ କରିବ । ଯେଉଁମାନେ ଚୋରାରେ ମଦ, ଗଞ୍ଜେଇ କିମ୍ବା ଡ୍ରଗ୍ସ ବ୍ୟବସାୟ କରୁଛନ୍ତି, ସେମାନଙ୍କୁ ସମ୍ପୂର୍ଣ୍ଣ ଧୂଳିସାତ୍ କରାଯିବ । ପ୍ରଥମ ଥର ପାଇଁ ପୋଲିସ ଭଳି ଅବକାରୀ କନେଷ୍ଟବଳଙ୍କୁ ମଧ୍ୟ ତାଲିମ ଦେଇ ବିଭିନ୍ନ ନିୟମ କାନୁନ ସମ୍ପର୍କରେ ଅବଗତ କରାଯାଇଛି । ତାଲିମ ପାଇଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରାଯାଇଛି। ସାଧୁତା, ନିଷ୍ଠାପରତା, ସମାଜ ପାଇଁ ପ୍ରତିବଦ୍ଧତାକୁ ନେଇ ଚାଲିବାକୁ ହେବ।'

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ସେପ୍ଟେମ୍ବର ମାସରୁ ପ୍ରଥମ ଥର ପାଇଁ ଅବକାରୀ କନେଷ୍ଟବଳଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା । ୧୮୩ ଜଣ ପୁରୁଷ ଓ ୧୭ଜଣ ମହିଳା ସର୍ବମୋଟ ୨ ଶହ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା । ସେଥିମଧ୍ୟରୁ ବର୍ତ୍ତମାନ ୧୯୬ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣରେ ନିୟୋଜିତ ଅଛନ୍ତି ।



ଯାଜପୁର : ବ୍ୟାସନଗର ଠାରେ ନବନିର୍ମିତ ଟାଉନ ହଲ୍ ଏବଂ ବ୍ୟାସ ସରୋବରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଡରାଇଲାଣି ମୋ ବସ୍: ୬ ମାସରେ ୧୫ ଦୁର୍ଘଟଣା : ମଲେଣି ୨, ୨୦ ପଙ୍ଗୁ

**ଭୁବନେଶ୍ୱର, ୮/୨ ନ୍ୟୁଜ ବ୍ୟୁରୋ**

ମୋ ବସ୍ ଦେଖିଲେ ଡରଲାଗିଲାଣି। ନା ଟ୍ରାଫିକ୍ ସିଗ୍‌ନାଲ୍ ମାନୁଛନ୍ତି ନା ଦୁର୍ଘଟଣା ଘଟାଇବା ପରେ ତ୍ରୁଟି ସ୍ୱୀକାର କରୁଛନ୍ତି। ଯାହା ଫଳରେ ପ୍ରତ୍ୟେକ ଦିନ ମୋ ବସ୍‌କୁ ନେଇ କେଉଁଠି ନା କେଉଁଠି ବିବାଦ ଦେଖାଦେଉଛି। କେବଳ ବିବାଦ ହେଉନାହିଁ ବରଂ ଦୁର୍ଘଟଣାରେ ମୁଣ୍ଡ ଗଡୁଛି, ନିରୀହ ପଥଚାରୀ ପଙ୍ଗୁ ହୋଇଯାଉଛନ୍ତି। ତଥ୍ୟ ମୁତାବକ, ବିଗତ ୬ ମାସରେ 'ମୋ ବସ୍' ଦ୍ୱାରା ୧୫ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ଜଣ ଗୁରୁତର ଆହତ ପଙ୍ଗୁ ହୋଇଯାଇଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ନନ୍ଦନକାନନ ରୋଡ୍‌ରେ ମୋ ବସ୍ ପିଟିଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଗତ ଜାନୁଆରୀ ୨୪ ତାରିଖରେ ଜନପଥ ୟୁକୋ ବ୍ୟାଙ୍କ ସାମ୍ନାରେ ଦୁଇ ମୋ ବସ୍ ପଛକୁ ପଛ ପିଟି ହେବାରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ନଭେମ୍ବର ୨ ତାରିଖରେ ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପ ଛକରେ ରାସ୍ତା ପାର ହେଉଥିବା ବେଳେ ସମ୍ବଲପୁର ଜିଲ୍ଲାର ଝିଲ୍ଲୀ ସୋହଲାଙ୍କୁ ମୋ ବସ୍ ପିଟିବାରୁ ସେ ଗୋଟିଏ ହାତ ହରାଇବାକୁ ଯାଉଛନ୍ତି। କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ତାଙ୍କ ପାଇଁ କିଛି କରିନାହାନ୍ତି। ଏତେସବୁ ପରେ ମଧ୍ୟ ନା ଚାଳକ ଚେତୁଛନ୍ତି ନା କ୍ରୁଟ୍। ପ୍ରତ୍ୟେକ ଦୁର୍ଘଟଣା ପରେ କ୍ରୁଟ୍ କର୍ତ୍ତୃପକ୍ଷ କେବଳ ଚାଳକଙ୍କୁ ସସ୍‌ପେଣ୍ଡ କରିଦେଇ ନିଜର ଦାୟିତ୍ୱ ସାରିଦେଉଛନ୍ତି। କର୍ତ୍ତୃପକ୍ଷଙ୍କ କୋହଳ ମନୋଭାବ ମୋ ବସ୍ ଚାଳକଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ଦୁର୍ଘଟଣା ଘଟାଇବା ପରେ ସେମାନେ ପାଲଟା ନାଲିଆଖି ଦେଖାଉଛନ୍ତି। କ୍ରୁଟ୍ ସରକାରଙ୍କ ସଂସ୍ଥା ହୋଇଥିବାରୁ ପୁଲିସ ସମର୍ଥନ କରିବାକୁ ବାଧ୍ୟ ହେଉଛି। ଯେଉଁଥିପାଇଁ ସାଧାରଣ ଲୋକ ହିଁ କ୍ଷତିଗ୍ରସ୍ତ ହେଉଛି।

# ଦିଲ୍ଲୀବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮/୨ ନ୍ୟୁଜ ବ୍ୟୁରୋ**

ବିଜେପିର ବିଜୟ ପାଇଁ ଦିଲ୍ଲୀବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା । ଆପଣ ସମସ୍ତଙ୍କ ସମର୍ଥନ ଓ ବିଶ୍ୱାସରୁ ଡବଲ ଇଞ୍ଜିନ ସରକାର ଗଠନର ଐତିହାସିକ ସମୟ ଆସିଛି ।



ଏହି ଭିଜନ କେବଳ ବିକାଶ ଓ ପ୍ରଗତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନୁହେଁ ବରଂ ଏହା ଦର୍ଶାଉଛି ଯେ, ଦିଲ୍ଲୀବାସୀ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ସଂପୂର୍ଣ୍ଣ ଭାବେ ସମର୍ପିତ ଅଟନ୍ତି । ଏବେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଦିଲ୍ଲୀ ବିକାଶର ଏକ ନୂଆ ଅଧ୍ୟାୟ ଲେଖିବା ପାଇଁ ପ୍ରସ୍ତୁତ । ଏହି ସଫଳତା ପ୍ରତି ନାଗରିକଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ବଡ ପଦକ୍ଷେପ ଅଟେ ।

# କୋଟିଆରେ କୋରାପୁଟ ଜିଲ୍ଲାପାଳ : ବିଭିନ୍ନ ପ୍ରକଳ୍ପ ବୁଲି ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ କଲେ



**କୋରାପୁଟ ୮/୨ ନ୍ୟୁଜ ବ୍ୟୁରୋ**

ଅଚାନକ ସ୍କୁଲରେ ପହଞ୍ଚିଗଲେ । ପିଲାଙ୍କ ସୁବିଧା ଅସୁବିଧା ବୁଝିଲେ । ସାଙ୍ଗରେ ବସି ମଧ୍ୟାହ୍ନ ଭୋଜନ କଲେ। ଶନିବାର ଅଚାନକ କୋଟିଆ ଗସ୍ତ କରିଛନ୍ତି କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ । ପ୍ରଥମେ ସେଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ । ଏହା ପରେ ସିଧା ପହଞ୍ଚିଯାଇଥିଲେ ଏସ୍.ଏସ୍‌ଡି ହାଇସ୍କୁଲରେ । ମଧ୍ୟାହ୍ନ ଭୋଜନ ସମୟ ହୋଇଥିବାରୁ ସ୍କୁଲର ସବୁ ପିଲା ଖାଇବାକୁ ବସିଥିଲେ। ଜିଲ୍ଲାପାଳ ପହଞ୍ଚି ମୋ ପାଇଁ ମଧ୍ୟ ଲଞ୍ଚର ବ୍ୟବସ୍ଥା କରିବାକୁ କହିଥିଲେ। ଆଉ ପିଲାଙ୍କ ସାଙ୍ଗରେ ବସି ଥାଳିରେ ବଢା ଯାଇଥିବା ଭାତ, ଡାଲି ଓ ତରକାରୀ ଖାଇଥିଲେ। ଖାଇବା ସମୟରେ ପାଠପଢା କେମିତି ଚାଲିଛି ପଚାରିଥିଲେ । ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ । ଜିଲ୍ଲାପାଳଙ୍କ ସହ ମଧ୍ୟାହ୍ନ ଭୋଜନ କରି ବେଶ୍ ଖୁସିଥିବା କହିଛନ୍ତି ଛାତ୍ରଛାତ୍ରୀ ।

# ରେଳବାଇ ଓଡ଼ିଶାରେ ୨୦୨୪-୨୫ ବଜେଟ ଆବଣ୍ଟନର ୮୦%ରୁ ଅଧିକ ଖର୍ଚ୍ଚ କରି ରେକର୍ଡ କରିଛି

**ଭୁବନେଶ୍ୱର, ୮/୨ ନ୍ୟୁଜ ବ୍ୟୁରୋ**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ରେଳ ପ୍ରକଳ୍ପ ପାଇଁ ମୋଟ ବଜେଟ୍ ଆବଣ୍ଟନ ୧୦,୫୮୬ କୋଟି ଟଙ୍କା। ଏପର୍ଯ୍ୟନ୍ତ, ଏହି ଆବଣ୍ଟନର ୮୧.୭୮% ଉଲ୍ଲେଖନୀୟ ଖର୍ଚ୍ଚ ଏହି ଅଞ୍ଚଳରେ ସଂଯୋଗୀକରଣ, ସୁରକ୍ଷା ଏବଂ ଭିତ୍ତିଭୂମି ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ପୂର୍ବରୁ ଖର୍ଚ୍ଚ ହୋଇସାରିଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ଜାନୁଆରୀ ୨୦୨୫ ସୁଦ୍ଧା ୮୬୫୭.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ଓଡ଼ିଶାରେ ଭିତ୍ତିଭୂମି ବିକାଶ ପ୍ରତି ରେଳ ମନ୍ତ୍ରଣାଳୟର ପ୍ରତିବଦ୍ଧତାର ପ୍ରମାଣ। ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦୃଷ୍ଟିକୋଣ ସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ୮ଟି ନୂତନ ରେଳ ପ୍ରକଳ୍ପ ମଞ୍ଜୁର କରାଯାଇଛି, ଯାହାର ପରିମାଣ ୧୮,୧୧୮ କୋଟି ଟଙ୍କା ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ଗୁଣୁପୁର-ଥେରୁବାଲି ନୂତନ ଲାଇନ (୭୩.୬୨ କିଲୋମିଟର): ୧,୩୨୬ କୋଟି ଖର୍ଚ୍ଚରେ ଏହି ନୂତନ ଲାଇନ ରାୟଗଡା ଜିଲ୍ଲାକୁ ଲାଭଦାୟକ ହେବ। ଜୁନାଗଡ ରୋଡ-ନବରଙ୍ଗପୁର ନୂତନ ଲାଇନ (୧୧୬.୨୧ କିଲୋମିଟର): ୩,୨୭୪ କୋଟି ଖର୍ଚ୍ଚରେ ଏହି ଲାଇନ କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରିବ। ମାଲକାନଗିରି-ପାଣ୍ଡୁରଙ୍ଗପୁରମ ନୂତନ ଲାଇନ (୧୭୩.୬୧ କିଲୋମିଟର): ୪,୧୦୯ କୋଟି ଖର୍ଚ୍ଚରେ ଏହି ପ୍ରକଳ୍ପ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନାକୁ ସଂଯୋଗ କରିବ। ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ଲାଇନ (୮୨.୦୬ କିଲୋମିଟର): କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ଲାଭଦାୟକ ୨,୧୦୭ କୋଟି ଟଙ୍କାର ପ୍ରକଳ୍ପ। ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ଲାଇନ (୮୫.୬୦ କିଲୋମିଟର): ମୟୂରଭଞ୍ଜ ଜିଲ୍ଲାରେ ୨,୫୪୯ କୋଟି ଟଙ୍କାର ନିବେଶ କରିବ। ବୁଢ଼ାମରା-ଚକୁଲିଆ ନୂତନ ଲାଇନ (୫୯.୯୬ କିଲୋମିଟର): ୧,୬୩୯ କୋଟି ବ୍ୟୟରେ ଏହି ପ୍ରକଳ୍ପ ମୟୂରଭଞ୍ଜ, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ସଂଯୋଗ କରୁଛି। ବରଗଡ଼ ରୋଡ୍‌ରୁ ନୂଆପଡା ରୋଡ୍ (୧୩୮.୩୨ କିଲୋମିଟର): ପଶ୍ଚିମ ଓଡ଼ିଶାରେ ଯୋଗାଯୋଗକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୨,୬୨୧.୯୨ କୋଟି ଟଙ୍କାର ପ୍ରକଳ୍ପ। ପୁରୀ-କୋଣାର୍କ ରେଳ ଲାଇନ (୩୨ କିଲୋମିଟର): ଏହି ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳଗୁଡ଼ିକୁ ସଂଯୋଗ କରିବା ପାଇଁ ନୂତନ ରେଳ ଲାଇନ ପାଇଁ ୪୯୨ କୋଟି ମଞ୍ଜୁର। ଯାତାୟାତ ସଂଯୋଗକୁ ଉନ୍ନତ କରିବା ପାଇଁ ପ୍ରମୁଖ ରେଳ ଫ୍ଲାଏଓଭର। ଟ୍ରେନ୍ ସେବାକୁ ଆଧୁନିକୀକରଣ ଏବଂ ଉନ୍ନତ କରିବା ପ୍ରୟାସର ଏକ ଅଂଶ ଭାବରେ, ୧୧୭୩.୧୨ କୋଟି ଟଙ୍କା ବ୍ୟୟରେ ୫ଟି ପ୍ରମୁଖ ରେଳ ଫ୍ଲାଏଓଭରକୁ ମଞ୍ଜୁର କରାଯାଇଛି ଏବଂ ଗୋଟିଏ ଡବଲ୍ ଲାଇନ ଫ୍ଲାଏ ଓଭରର ଏଫ୍‌ଏଲ୍‌ଏସ୍ ପାଇଁ ମଞ୍ଜୁରୀ ଦିଆଯାଇଛି। ସମ୍ବଲପୁର ଷ୍ଟେସନରୁ ସମ୍ବଲପୁର ସିଟି ଷ୍ଟେସନ (୮.୧୦ କିଲୋମିଟର): ସମ୍ବଲପୁର ମୁଖ୍ୟ ଷ୍ଟେସନରୁ ଯାତାୟାତକୁ ସହଜ କରିବା ପାଇଁ ସମ୍ବଲପୁର ସହର ଏବଂ ସରଳା ଷ୍ଟେସନକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଫ୍ଲାଏଓଭର ପ୍ରକଳ୍ପ ପାଇଁ ୨୮୮.୬୧ କୋଟି ଟଙ୍କା। ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ରେଳ ଫ୍ଲାଏଓଭର: ପୁରୀରୁ ଭୁବନେଶ୍ୱର ଦିଗକୁ ଯାଉଥିବା ଟ୍ରେନ୍ ପାଇଁ ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ରେ ଟ୍ରେନ୍ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ୧୯୧.୮୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। କଟକରେ ରାଜଆଠଗଡ଼-ରାଧାକିଶୋରପୁର-ମାଛପୁର (୧୦.୮୯ କିମି) କୁ ସଂଯୋଗ କରୁଥିବା ରେଳ ଫ୍ଲାଏଓଭର: କଟକ ନିକଟସ୍ଥ ରାଜଆଠଗଡ଼, ରାଧାକିଶୋରପୁର ଏବଂ ମାଛପୁର ରେଳ ଷ୍ଟେସନକୁ ସଂଯୋଗ କରୁଥିବା ଟ୍ରେନ୍ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ୨୬୮.୯୨ କୋଟି ଟଙ୍କାର ପ୍ରକଳ୍ପ। ଏହି ଭିତ୍ତିଭୂମି ଏକକାଳୀନ ଟ୍ରେନ୍ ଚଳାଚଳକୁ ଅନୁମତି ଦେଇ କାର୍ଯ୍ୟକୁ ଉନ୍ନତ କରିବ, କ୍ରସ୍-ଟ୍ରାଫିକ୍‌ରୁ ବିଳମ୍ବ ହ୍ରାସ କରିବ। ଟିଟିଲାଗଡ଼ ରେଳ ଫ୍ଲାଏଓଭର (୮.୧୧ କିମି): ଏହି ଅଞ୍ଚଳରେ ଟ୍ରେନ୍ ପରିଚାଳନାକୁ ସହଜ କରିବା ପାଇଁ ୧୮୩.୮୯ କୋଟି ଟଙ୍କା। ରାୟଗଡ଼ାରେ ସିଙ୍ଗାପୁର ରୋଡ୍ ଷ୍ଟେସନ୍ (୫.୫୦ କିମି): ରାୟପୁର-ବିଜୟନଗରମ୍ ରେଳ ଲାଇନରେ ଭିଡ଼ ହ୍ରାସ କରିବା ପାଇଁ ୨୩୯.୮୩ କୋଟି ଟଙ୍କା। ଏହା ବ୍ୟତୀତ, ସୁନ୍ଦରଗଡ଼ ଜିଲ୍ଲାର ଲାଜକୁରାରେ ଡବଲ୍ ଲାଇନ ଫ୍ଲାଏ ଓଭର ପାଇଁ ଫାଇନାଲ୍ ଲୋକେସନ୍ ସର୍ଭେ ମଧ୍ୟ ରେଳ ଭିତ୍ତିଭୂମିର ଉନ୍ନତି ଏବଂ ରେଳ ପରିବହନର ଦକ୍ଷତା ବୃଦ୍ଧି ପାଇଁ ମଞ୍ଜୁର କରାଯାଇଛି। ୧୯୯୪-୯୫ ମସିହାରେ ମଞ୍ଜୁର ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଜମି ଅଧିଗ୍ରହଣ ଆହ୍ୱାନ ଯୋଗୁଁ ବିଳମ୍ବର ସମ୍ମୁଖୀନ ହୋଇଥିଲା। ରେଳ ମନ୍ତ୍ରଣାଳୟ ଓଡ଼ିଶାରେ ଯାତାୟାତ ସଂଯୋଗ ବୃଦ୍ଧି, ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଏବଂ ରେଳ ପରିବହନରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ଦୃଢ଼ ନିବେଶ, ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ସକ୍ରିୟ ସହଯୋଗ ଏବଂ ଅକ୍ଲାନ୍ତ ପରିଶ୍ରମ ସହିତ, ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶାରେ ରେଳ ନେଟୱାର୍କ ଉଲ୍ଲେଖନୀୟ ପ୍ରଗତି ହାସଲ କରିବା ସହିତ ଲକ୍ଷ ଲକ୍ଷ ନାଗରିକଙ୍କୁ ଲାଭ ପ୍ରଦାନ କରାଇବ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବ।

# ବାଇକ୍-ଟ୍ରକ୍ ମୁହାଁମୁହିଁ ଧକ୍କା : ବାପା-ପୁଅ ମୃତ

**କଟକ ୮/୨ ନ୍ୟୁଜ ବ୍ୟୁରୋ**

କେତେ ହସଖୁସିରେ ଏକାଠି ଯାଉଥିଲେ। କଥାବାର୍ତ୍ତା ମଜାମସ୍ତି ଚାଲିଥିଲା । ହେଲେ କିଏ ଜାଣିଥିଲା ବାଟରେ ଜଗିଛି ଟ୍ରକ ରୂପରେ ଯମ । ମାଆ ସାମ୍ନାରେ ଚାଲିଯାଇଛି ବାପା-ପୁଅଙ୍କ ଜୀବନ ।



କଟକ ଶିଖରପୁର ଅଞ୍ଚଳର ଜାତୀୟ ରାଜପଥରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା ।ବାଇକରେ ସ୍ୱାମୀ-ସ୍ତ୍ରୀ ଓ ୫ ବର୍ଷର ପୁଅ କେନ୍ଦ୍ରାପଡାରୁ କଟକ ଆସୁଥିଲେ । ହଠାତ ଧକ୍କା ଦେଇଥିଲା ଟ୍ରକ । ତେବେ ବାପା-ପୁଅଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ବହୁତ ଡେରି ହୋଇଯାଇଥିଲା । ଉଭୟଙ୍କୁ ବଞ୍ଚାଇ ପାରିନଥିଲେ ଡାକ୍ତର। ମୃତ ଘୋଷଣା କରିଥିଲେ । ତେବେ ସ୍ତ୍ରୀଙ୍କ ଅବସ୍ଥା ଠିକ ଥିବା ଜଣାପଡିଛି । ସ୍ୱାମୀ ଓ ପୁଅକୁ ହରାଇ ଧୈର୍ଯ୍ୟହରା ହୋଇପଡିଛନ୍ତି ମହିଳା । ରାସ୍ତାରେ ଭୋ ଭୋ ହୋଇ କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଧରି ବୁଝାସୁଝା କରିଛନ୍ତି । ତେବେ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଛି ଟ୍ରକ ଡ୍ରାଇଭର । ମୃତଦେହ ଜବତ କରି ଛାନ୍‌ଭିନ୍ ଚଳାଇଛି ପୋଲିସ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com





ଭୁବନେଶ୍ୱର : ଦିଲ୍ଲୀ ବିଧାନସଭା ଦଖଲ ପରେ ରାଜ୍ୟ ବିଜେପି ପାର୍ଟି ଅଫିସରେ ବିଜୟ ଉତ୍ସବ ପାଳନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## କରୋନା-ଜିବିଏସ୍ ପରେ ଏବେ ଚିନ୍ତା ଘାରିଲାଣି ଆଉ ଏକ ଅଜଣା ରୋଗ

# ଜମ୍ମୁ-କଶ୍ମୀରରେ ଗଲାଣି ୧୭ ଜୀବନ, ୩୬୩ ଜଣ କ୍ୱାରେଣ୍ଟାଇନ

**ଶ୍ରୀନଗର, ୮।୨**

କରୋନା-ଜିବିଏସ୍ ପରେ ପୁଣି ଆତଙ୍କ ଖେଳାଇଲାଣି ଆଉ ଏକ ଅଜଣା ରୋଗ। ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାର ବଧଲ ଗ୍ରାମରେ ଏକ ଅଜଣା ରୋଗ ଦେଖା ଦେଇଛି । ଏହି ଅଜଣା ରୋଗରେ ଏପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ସଚିବ ସୟଦ ଆବିଦ ରସିଦ ଶାହ କହିଛନ୍ତି ଯେ, ଏହି ରୋଗରେ ଆକ୍ରାନ୍ତ ହୋଇଥିବା ୫୫ ଜଣଙ୍କ ମଧ୍ୟରୁ ୩୮ ଜଣ ସୁସ୍ଥ ହେବା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି । ଏ ପର୍ଯ୍ୟନ୍ତ ଏହି ରୋଗରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି । ବର୍ତ୍ତମାନ କୌଣସି ନୂଆ ଆଡମିସନ୍ ନାହିଁ, ବିଶେଷଜ୍ଞ ଟିମ୍ ତଦାରଖ କରୁଛନ୍ତି । ଏହି ସମୟରେ କୌଣସି ନୂଆ ରୋଗୀଙ୍କୁ ଭର୍ତ୍ତି କରାଯାଇ ନାହିଁ ବୋଲି



ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ପିଜିଆଇଏମ୍‌ଇଆର, ଚଣ୍ଡିଗଡ଼ ଏବଂ ନୂଆଦିଲ୍ଲୀ ଏମ୍ସର ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ବର୍ତ୍ତମାନ ରୋଗୀମାନଙ୍କର ପରୀକ୍ଷା କରୁଛନ୍ତି । ୬୦ଟି ଭିନ୍ନ ଭିନ୍ନ ପରିବାରର ୩୬୩ ଜଣଙ୍କୁ ସଙ୍ଗରୋଧରେ ରଖାଯାଇଥିବା ବିଭାଗୀୟ କମିଶନର ରମେଶ କୁମାର କହିଛନ୍ତି । ଏହାବ୍ୟତୀତ ଏହି ରୋଗର ଅନ୍ୟ କୌଣସି ଉତ୍ସ ଚିହ୍ନଟ କରିବା ପାଇଁ ୫୯୨ଟି ପଶୁଙ୍କ ବିଶେଷ ଯତ୍ନ ନିଆଯାଉଛି । ଡିସେମ୍ବର ୭ରୁ ଜାନୁଆରୀ ୧୯ ମଧ୍ୟରେ ଏହି ରହସ୍ୟମୟ ରୋଗରେ ୩ଟି ପରିବାରର ୧୭ ଜଣ ପ୍ରାଣ ହରାଇଛନ୍ତି । ଏହି ରୋଗ ବ୍ୟାପିବାର କାରଣ ସମ୍ପର୍କରେ ପ୍ରଶାସନ ଗଭୀର ଅନୁସନ୍ଧାନ ଜାରି ରଖିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସ୍ଥିତିସମୀକ୍ଷା କରାଯାଉଛି ।